# ରାଜ୍ୟର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ପରିଚାଳନା ନିମନ୍ତେ ନିର୍ଦ୍ଦେଶାବଳୀ

ମାର୍ଚ୍ଚ ୨୦୧୧

ମହିଳା ଓ ଶିଶୁ ବିକାଶ ବିଭାଗ
ଓଡ଼ିଶା ସରକାର

## ପୂର୍ବାଭାସ :-

ଓଡ଼ିଶା ସରକାରଙ୍କ, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀଙ୍କ ନିମନ୍ତେ ମଧ୍ୟାହ୍ନ ଭୋଜନ, ୬ ମାସରୁ ୬ ବର୍ଷର ଶିଶୁ, ଗର୍ଭବତୀ ଓ ପ୍ରସୂତି ମା଼ ମାନଙ୍କ ନିମନ୍ତେ ପରିପୂରକ ଭୋଜନ କାର୍ଯ୍ୟକ୍ରମ ଏବଂ ବୃଦ୍ଧ, ଅସହାୟ ଓ ଅକ୍ଷମ ବ୍ୟକ୍ତିଙ୍କ ପାଇଁ । ଟି ଜିଲ୍ଲାରେ ଜରୁରୀକାଳୀନ ଖାଦ୍ୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି ।

## MDM (ମଧ୍ୟାହ୍ନ ଭୋଜନ) କାର୍ଯ୍ୟକ୍ରମ :-

ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରାୟ ୬୦ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ଭାରତ ସରକାର ଓ ରାଜ୍ୟ ସରକାରଙ୍କ ସହଭାଗୀତାରେ ମଧ୍ୟାହ୍ନ ଭୋଜନ ପାଇଁ ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଦୈନିକ ଟ.୩.୩୦ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଦୈନିକ ଟ.୪.୯୨ ର ଖର୍ଚ୍ଚ ଧାର୍ଯ୍ୟ କରାଯାଇଛି ।

ଏହି କାର୍ଯ୍ୟକ୍ରମର ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ୧.୪.୨୦୧୧ ତାରିଖ ଠାରୁ କାର୍ଯ୍ୟକାରୀ କରାଯିବ । ଏହା ରାଜ୍ୟର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଓ ସମସ୍ତ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ଯେଉଁଠି ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଚାଲୁଛି ସେଠାରେ କାର୍ଯ୍ୟକାରୀ ହେବ ।

ପରିବର୍ତ୍ତିତ କାର୍ଯ୍ୟକ୍ରମର ମୁଖ୍ୟ ଅଂଶ -

୧. ଚାଉଳ - ମୁଖ୍ୟତଃ ଭାରତ ସରକାର ଓ ଭାରତ ସରକାରଙ୍କର ଖାଦ୍ୟ ନିଗମ ଦ୍ୱାରା ବର୍ତ୍ତମାନ ଚାଉଳ ଯୋଗାଇଦିଆଯାଉଛି । ଜିଲ୍ଲାପାଳମାନେ ଯୋଗାଣ ଠିକାଦାରମାନଙ୍କୁ ନିଯୁକ୍ତ କରିଛନ୍ତି, ଯେଉଁମାନେ କି ଅଙ୍ଗନୱାଡ଼ି କେନ୍ଦ୍ର ଓ ବିଦ୍ୟାଳୟକୁ ଚାଉଳ ଯୋଗାଇ ଦେଉଛନ୍ତି । ଯେହେତୁ ଭାରତୀୟ ଖାଦ୍ୟ ନିଗମରୁ ଚାଉଳ ଆସୁଛି ବର୍ତ୍ତମାନ ମଧ୍ୟ ବିଦ୍ୟାଳୟକୁ ସେହିପରି ଭାବରେ ଚାଉଳ ଯୋଗାଇ ଦିଆଯିବ ।

୨. ଜିନ୍ତୁ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଯଥା - ଡାଲି, ମସଲା, ତେଲ, ସୋୟାବଡ଼ି, ଅଣ୍ଡା ଇତ୍ୟାଦି (ନୂତନ ଖାଦ୍ୟନୀତି ନିୟମ ଅନୁସାରେ) ଖାଦ୍ୟ କିଣା ବ୍ୟବସ୍ଥା ଗ୍ରାମ ସ୍ତରକୁ ବିକେନ୍ଦ୍ରୀକରଣ କରାଯାଇଛି ।

୩. ସ୍ୱୟଂ ସହାୟକ ଦଳ ମାଧ୍ୟମରେ ଖାଦ୍ୟ ରନ୍ଧନ ବ୍ୟବସ୍ଥା ନିମନ୍ତେ ଜିଲ୍ଲାପାଳମାନେ ସମସ୍ତ ପ୍ରକାରର ଉଦ୍ୟମ କରିବେ । ଯଦିଓ ଏହା ଅଧିକାଂଶ ବିଦ୍ୟାଳୟରେ କାର୍ଯ୍ୟକାରୀ ହେଉଛି, ଅବଶିଷ୍ଟ ବିଦ୍ୟାଳୟଗୁଡ଼ିକରେ ଏହା କାର୍ଯ୍ୟକାରୀ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବା ଆବଶ୍ୟକ । ଏବିଷୟରେ ପୂର୍ବରୁ ନିର୍ଦ୍ଦେଶନାମା ମଧ୍ୟ ଦିଆଯାଇଛି । ଗ୍ରେଡିଙ୍ଗ୍ ହୋଇଥିବା ସ୍ୱୟଂସହାୟକ ଦଳକୁ ଏହାର ଦାୟିତ୍ୱ ୧.୪.୨୦୧୧ ପୂର୍ବରୁ ଦେବାପାଇଁ ଜିଲ୍ଲାପାଳମାନେ ଉଦ୍ୟମ କରିବେ ।

୪. ନିମ୍ନମତେ ଏକ ନୂତନ ମିଳିତ ପାଶବହି ଖୋଲାଯିବା ସହ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବେ :-

କ. ଯେଉଁଠି ସ୍ୱୟଂ ସହାୟକ ଦଳ ଗୁଡ଼ିକ ରନ୍ଧନକାର୍ଯ୍ୟ କରୁଛନ୍ତି ସେଠାରେ ସ୍ୱୟଂ ସହାୟକ ଦଳର ସଭାପତି ଓ ପ୍ରଧାନ ଶିକ୍ଷକଙ୍କର ଏକ ମିଳିତ ପାସ୍ ବହି ଖୋଲାଯିବ ।

ଖ. ଯେଉଁଠି ସ୍ୱୟଂସହାୟକ ଦଳମାନେ ଏ ପର୍ଯ୍ୟନ୍ତ ଖାଦ୍ୟ ରନ୍ଧନ କାର୍ଯ୍ୟ କରିନାହାନ୍ତି, ସେଠାରେ ସାମୟିକ ଭାବରେ ବିଦ୍ୟାଳୟର ପରିଚାଳନା କମିଟି ମଧ୍ୟାହ୍ନ ଭୋଜନ ପାଇଁ ଆକାଉଣ୍ଟ ଖୋଲିବେ । ଏହାକୁ ଅଗ୍ରାଧିକାର ଭିତ୍ତିରେ ଖୋଲିବେ ।

ଗ. ଯେଉଁଠି ଏ ପର୍ଯ୍ୟନ୍ତ ବିଦ୍ୟାଳୟ ପରିଚାଳନା କମିଟି ଗଠନ ହୋଇନାହିଁ ସେଠାରେ ଗୋଟିଏ ନୂଆ ଆକାଉଣ୍ଟ ଗ୍ରାମ୍ୟ ଶିକ୍ଷା କମିଟି ନାମରେ ଖୋଲାଯିବ । ବିଦ୍ୟାଳୟ ପରିଚାଳନା କମିଟି ଗଠନ ହେବାପରେ ଉକ୍ତ ଆକାଉଣ୍ଟରେ ଗ୍ରାମ୍ୟ ଶିକ୍ଷା କମିଟିର ପ୍ରେସିଡେଣ୍ଟ ଙ୍କ ନାମ ବଦଳରେ ପରିଚାଳନା କମିଟିର ପ୍ରେସିଡେଣ୍ଟଙ୍କ ନାମ ରହିବ ।

ଘ. ସ୍ୱୟଂସହାୟକ ଦଳଙ୍କୁ ରୋଷେଇ ଦାୟିତ୍ୱ ଦେବା ପରେଏହା ସ୍ୱୟଂ ସହାୟକ ଦଳ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନାମକୁ ବଦଳାଇ ଦିଆଯିବ। ଏହା ମନେରଖିବାକୁ ହେବ ଯେ (ଖ) ଓ (ଗ) କେବଳ ମଧ୍ୟାହ୍ନ ଭୋଜନକୁ ୧.୪.୨୦୧୧ ରୁ ଆରମ୍ଭ କରିବା ପାଇଁ ଅସ୍ଥାୟୀ ବ୍ୟବସ୍ଥା ହୋଇଛି ।

୫. ଗ୍ରାମ୍ୟ ଶିକ୍ଷା କମିଟି / ବିଦ୍ୟାଳୟ ପରିଚାଳନା କମିଟି / ସ୍ୱୟଂସହାୟକ ଦଳର ପୂର୍ବରୁ ଆକାଉଣ୍ଟ ଥିଲେ ମଧ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପାଇଁ ନିଶ୍ଚିତ ଭାବରେ ନୂତନ ଆକାଉଣ୍ଟ୍ ଖୋଲାଯିବ ।

୬. ସ୍ୱୟଂ ସହାୟକ ଦଳ ଦ୍ୱାରା ସ୍ଥାନୀୟ ଅଞ୍ଚଳରୁ ଜିନିଷ ସଂଗ୍ରହ / କ୍ରୟ କରାଯିବ । ଯେଉଁଠି ସ୍ୱୟଂସହାୟକ ଦଳ ଦାୟିତ୍ୱ ଦେଇ ନାହାଁନ୍ତି, ସେଠାରେ ନିର୍ଦ୍ଦେଶାବଳୀ ଅନୁସରଣକରି ଗ୍ରାମ୍ୟ ଶିକ୍ଷା କମିଟି କିମ୍ବା ବିଦ୍ୟାଳୟ ପରିଚାଳନା କମିଟି କରିବେ ।

୭. କୌଣସି ମତେ ପ୍ରଧାନ ଶିକ୍ଷକ ବା ଶିକ୍ଷକମାନେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ଜିନିଷ ସଂଗ୍ରହ ଓ ରନ୍ଧନ ଦଳ କାର୍ଯ୍ୟରେ ଜଡ଼ିତ ରହିବେ ନାହିଁ ।

୮. କିନ୍ତୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷକ ଏହି କାର୍ଯ୍ୟକ୍ରମର କାର୍ଯ୍ୟକାରୀତାକୁ ନିୟମିତ ପର୍ଯ୍ୟବେକ୍ଷଣ କରିବେ ।

କ. ପ୍ରତିଦିନ ଉପସ୍ଥିତ ଥିବା ଶିଶୁଙ୍କ ପାଇଁ ଉତ୍ତମ ଗୁଣମାନର ଖାଦ୍ୟ ଓ ଠିକ୍ ପରିମାଣର ଖାଦ୍ୟ ଦିଆଯାଉଛି ।

ଖ. ଖାଦ୍ୟ ଗ୍ରହଣ କରୁଥିବା ଶିଶୁମାନଙ୍କର ପ୍ରାପ୍ୟ ବିବରଣୀ ବିଦ୍ୟାଳୟର ବାହାର କାନ୍ଥରେ ପ୍ରଦର୍ଶନ କରାଯାଇଛି ।

ଗ. ଖାଦ୍ୟ ପ୍ରସ୍ତୁତି ବେଳେ ପରିଷ୍କାର ପରିଚ୍ଛନ୍ନତାର ସହିତ ରନ୍ଧାଯିବ ଏବଂ ଶିଶୁମାନେ ଖାଇବା ପୂର୍ବରୁ ଓ ପରେ ହାତ ଭଲ ଭାବରେ ଧୋଇବେ ।

ଘ. କୌଣସି ବୁଲା ପଶୁଙ୍କୁ ବିଦ୍ୟାଳୟର ପରିସରକୁ କୌଣସିମତେ ପ୍ରବେଶ କରାଇବେ ନାହିଁ ।

ଙ. ରାନ୍ଧୁଣୀଆ ଓ ସହାୟିକାଙ୍କ ସ୍ୱାସ୍ଥ୍ୟର ପରୀକ୍ଷା ସମୟ ସମୟରେ କରାଯିବା ଦରକାର ।

କାର୍ଯ୍ୟକ୍ରମର ସଫଳ ରୂପାୟନ ମାଧ୍ୟମରେ ଫଳପ୍ରଦ ସେବା ପ୍ରଦାନ କରିବା ଲକ୍ଷ୍ୟ ରେ ନିର୍ଦ୍ଦେଶାବଳୀ ପ୍ରସ୍ତୁତ ହୋଇଛି । ଏଣୁ ଆବଶ୍ୟକ ସ୍ଥଳେ ଜିଲ୍ଲାରେ ଜିଲ୍ଲାପାଳମାନେ ଏଥିରେ ପରିବର୍ତ୍ତନ କରିବା ନିମନ୍ତେ କ୍ଷମତା ପ୍ରାପ୍ତ ଅଟନ୍ତି । ଭୋଜନ କାର୍ଯ୍ୟକ୍ରମରେ ଯେପରି ବାଧା ସୃଷ୍ଟି ନହୁଏ, ସେଥିପାଇଁ ଏପରି କୋହଳ ନୀତି ଅବଲମ୍ବନ କରାଯାଇଅଛି ।

## ୧. ଖାଦ୍ୟର ପ୍ରଚଳିତ ବ୍ୟବହାର

୧.୧. ଶିଶୁମାନଙ୍କୁ ବର୍ତ୍ତମାନ ଭାତ, ଡାଲମା ପ୍ରତିଦିନ ଦିଆଯାଉଛି । ଛ'ଟି ଅଣ୍ଡା ମାସରେ ଦିଆଯାଉଛି । ବର୍ତ୍ତମାନ ଅଧିକ ପ୍ରକାରର ରନ୍ଧା ଖାଦ୍ୟ ଦେବା ପାଇଁ ସ୍ଥିର କରାଯାଇଛି। ଏହିପରି ଏକ ସପ୍ତାହ ନିମନ୍ତେ ଖାଦ୍ୟର ପ୍ରକାର ନିର୍ଦ୍ଧାରିତ କରାଯାଇଛି । ସପ୍ତାହର ସମସ୍ତ ଦିବସରେ ତଦନୁଯାୟୀ ଖାଦ୍ୟ ବ୍ୟବସ୍ଥା କରିବେ । ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତାହର ପ୍ରତି ବାର ପାଇଁ ଖାଦ୍ୟ ତାଲିକା ନିମ୍ନରେ ଟେବୁଲ୍ – ୧ ରେ ଦିଆଗଲା ।

**ମଧ୍ୟାହ୍ନ ଭୋଜନ – ୧ ମରୁ ୮ମ ଶ୍ରେଣୀ**

ଟେବୁଲ୍ – ୧

| | |
|---|---|
| ସୋମବାର | ଭାତ ଓ ଡାଲମା |
| ମଙ୍ଗଳବାର | ଭାତ ଓ ସୋୟାବଡି ତରକାରୀ |
| ବୁଧବାର | ଭାତ ଓ ଅଣ୍ଡା ତରକାରୀ |
| ଗୁରୁବାର | ଭାତ ଓ ଡାଲମା |
| ଶୁକ୍ରବାର | ଭାତ ଓ ସୋୟାବଡି ତରକାରୀ |
| ଶନିବାର | ଭାତ ଓ ଅଣ୍ଡା ତରକାରୀ |

୧.୨. ଅନୁବନ୍ଧ ୨ ଅନୁସାରେ ଗୋଟିଏ ସପ୍ତାହର ମଧ୍ୟାହ୍ନ ଭୋଜନର ତାଲିକାକୁ ଟେବୁଲ୍ ରେ ଦିଆଯାଉଛି । ଦିନକୁ କେଉଁ କେଉଁ ଖାଦ୍ୟ କେତେ ପରିମାଣ ର ଦିଆଯିବ ତାର ତାଲିକା ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟାଳୟ ବାହାରେ ବା ବିଦ୍ୟାଳୟ ପରିସରର ଯେ କୌଣସି କାନ୍ଥରେ ଲିପିବଦ୍ଧ କରାଯିବ ବା ଫ୍ଲେକ୍ସ ବୋର୍ଡ (୩ x ୪ ଫୁଟ) ରେ ଲିପିବଦ୍ଧ ହୋଇ ପ୍ରଦର୍ଶିତ କରାଯିବ ।

୧.୩. ବର୍ତ୍ତମାନର ନିର୍ଦ୍ଦେଶ ଅନୁସାରେ ମାସକୁ ୬ଟି ଅଣ୍ଡା ଦେବା ବଦଳରେ ସପ୍ତାହକୁ ଦୁଇଟି କରି ଅଣ୍ଡା ଦିଆଯିବ ଏବଂ ଏହା ସିଝା ଅଣ୍ଡା ଆକାରରେ ନଦେଇ ତରକାରୀ ଆକାରରେ ଦିଆଯିବ ।

୧.୪. ଶିଶୁମାନଙ୍କ ପାଇଁ ଶକ୍ତି (କ୍ୟାଲୋରୀ) ଓ ପୁଷ୍ଟିସାରର ଆବଶ୍ୟକତା କୁ ନେଇ ସାପ୍ତାହିକ ପରିବର୍ତ୍ତିତ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି । ତେଣୁ ଏଥିରେ କୌଣସି ପ୍ରକାର ବ୍ୟତିକ୍ରମ କରାଯିବ ନାହିଁ ।

୧.୫. ଅନୁବନ୍ଧ – ୧ ଅନୁସାରେ ପରିବହନ ଓ ଜାଳେଣୀ ଖର୍ଚ୍ଚ ସମାନ ଭାବରେ ନିର୍ଦ୍ଧାରିତ କରାଯାଇଛି । ବିଦ୍ୟାଳୟ ସ୍ତରରେ ଚାଉଳ ଯୋଗାଇ ଦେବା ପାଇଁ ଯୋଗାଣ ବାବଦର ଖର୍ଚ୍ଚକୁ ଜିଲ୍ଲାସ୍ତରରେ ରହିବ । ଯେହେତୁ ଅନ୍ୟାନ୍ୟ ଖାଦ୍ୟସାମଗ୍ରୀ ଆଞ୍ଚଳିକ ଭାବରେ ସଂଗ୍ରହ କରାଯିବ ସେଥିପାଇଁ ପରିବହନ ଖର୍ଚ୍ଚ ଦିଆଯିବ ନାହିଁ ।

ଯଦି କୌଣସି କ୍ଷେତ୍ରରେ ଖାଦ୍ୟ ପଦାର୍ଥକୁ ସ୍ୱଳ୍ପ ମୂଲ୍ୟରେ ସ୍ଥାନୀୟ ଅଞ୍ଚଳରୁ କିଣାଯାଏ ତେବେ ସେହି ବାବଦରେ ବଳକା ଟଙ୍କା ସଂଚୟ କରାଯିବ ନାହିଁ । ବରଂ ସେହି ଟଙ୍କାରେ ଶାଗ ଭଜା, ଖଟା ଓ ଖିରି ପ୍ରଭୃତି ଛାତ୍ରଛାତ୍ରୀମାନଙ୍କୁ ଦିଆଯିବ ।

୧.୬. ନିର୍ଦ୍ଧାରିତ ପୁଷ୍ଟିସାର ଓ ଶକ୍ତି (କ୍ୟାଲୋରୀ) ଯେପରି ଅକ୍ଷୁର୍ଣ୍ଣ ରହିବ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦିଆଯିବା ଆବଶ୍ୟକ । କିନ୍ତୁ ଆଞ୍ଚଳିକ ପରିସ୍ଥିତିକୁ ଆଖିରେ ରଖି ଗୋଟିଏ ପ୍ରକାର ଡାଲିକୁ ନିର୍ଦ୍ଧାରଣ କରାଯାଇ ନାହିଁ । ସ୍ୱୟଂ ସହାୟକ ଦଳ ନିଜ ଅଞ୍ଚଳରେ ମିଳୁଥିବା ବା ଉତ୍ପନ୍ନ ହେଉଥିବା ସବୁଠୁ ଭଲ ଗୁଣମାନର ଡାଲିକୁ ସଂଗ୍ରହ କରିବେ । ଯେହେତୁ ବିଭିନ୍ନ ଡାଲିର ପୁଷ୍ଟିସାରର ମାତ୍ରା ଭିନ୍ନ ଭିନ୍ନ ପ୍ରକାରର । ତେଣୁ ଯେଉଁ ଡାଲି ବ୍ୟବହାର କରିବେ ତାହା ସମାନୁପାତରେ ହୋଇଥିବା ଦରକାର । ତେଣୁ ଟେବୁଲ-୨ ରେ ପ୍ରତି ଶିଶୁ ମାନଙ୍କ ପାଇଁ ଆବଶ୍ୟକତା ଅନୁଯାୟୀ ବିଭିନ୍ନ ଡାଲିର ପ୍ରୋଟିନ୍( ପୁଷ୍ଟିସାର) ର ମାତ୍ରା ଦିଆଯାଇଛି । ଏ ବିଷୟକୁ ଧ୍ୟାନରେ ରଖି ଡାଲି କିଣିବା ବା ସଂଗ୍ରହ କରିବା ଉଚିତ୍ ।

୧.୭. ନିମ୍ନଲିଖିତ ଟେବୁଲ୍ ରେ ଦର୍ଶାଯାଇଛି ଯେ ଯଦି ପ୍ରତ୍ୟେକ ଶିଶୁକୁ ୫.୬ ଗ୍ରାମର ପୁଷ୍ଟିସାର ଦେବାକୁ ହୁଏ, ତେବେ ବିଭିନ୍ନ ପ୍ରକାର ଡାଲିର ପରିମାଣ ଭିନ୍ନ ଭିନ୍ନ ହେବ । ଯେଉଁ ଦିନ ଗୁଡ଼ିକରେ ଖାଦ୍ୟରେ ଡାଲି ବ୍ୟବହାର ହେଉଛି ଏହି ବ୍ୟବସ୍ଥା ସେହି ଦିନ ପାଇଁ ଉଦ୍ଦିଷ୍ଟ । ଅନ୍ୟ ଦିନ ମାନଙ୍କରେ ଯେଉଁ ଦିନ ଅଣ୍ଡା ଓ ସୋୟା ବଡ଼ି ରନ୍ଧା ଯାଉଛି ଏହା ଆବଶ୍ୟକ ନାହିଁ ।

ଟେବୁଲ୍ – ୨

(ପୁଷ୍ଟିସାରର ମାତ୍ରାକୁ ଧ୍ୟାନରେ ରଖି ପ୍ରତି ପିଲା ପାଇଁ ଆବଶ୍ୟକ ଡାଲିର ପରିମାଣ)

| କ୍ର.ନଂ | ଡାଲି ର ପ୍ରକାର | ପ୍ରୋଟିନ୍ | ପ୍ରତି ପିଲାର ଖାଦ୍ୟର ପରିମାଣ (ମଧ୍ୟାହ୍ନ ଭୋଜନ) |
|---|---|---|---|
| ୧ | ହରଡ ଡାଲି | ୫.୬ | ୨୫ |

| | | | |
|---|---|---|---|
| ୨ | ବୁଟ ଡାଲି | ୫.୬ | ୩୩ |
| ୩ | ଚଣା ଡାଲି | ୫.୬ | ୨୭ |
| ୪ | ବିରି ଡାଲି | ୫.୬ | ୨୩ |
| ୫ | ଗୋଟା ମୁଗ | ୫.୬ | ୨୩ |
| ୬ | ମୁଗ ଡାଲି | ୫.୬ | ୨୩ |
| ୭ | ମଟର (ଶୁଖିଲା) | ୫.୬ | ୨୮ |
| ୮ | କାନ୍ଦୁଲ | ୫.୬ | ୨୮ |

୧.୮. ଗୁଣାତ୍ମକ ସୂଚକ :- ଖାଦ୍ୟରେ ଉତ୍ତମ ମାନର ଡାଲି ଯେପରି ବ୍ୟବହାର ହୁଏ, ତାହା ନିଶ୍ଚିତ କରିବାକୁ ହେବ । ବଜାର ଦରକୁ ଧ୍ୟାନରେ ରଖି ଉତ୍ତମ ଗୁଣମାନର ଡାଲିକୁ ତୁଳନା କରି କିଣାଯିବା ଉଚିତ୍ । ଉତ୍ତମ ଡାଲି, ଚାଉଳ ଓ ଅଣ୍ଡା ଆଦିର ମାନ ଯାଞ୍ଚ କରିବା ପାଇଁ ଚିଠି ନଂ-୧୫୪୯୪/WCD ତା.୪.୯.୧୦ ରେ ନିର୍ଦ୍ଦେଶାବଳୀ ଦିଆଯାଇଛି । ଅନୁବନ୍ଧ ୧୬ ଓ ଅନୁବନ୍ଧ ୧୪ କୁ ଅନୁସରଣ କରି ବିବରଣୀ ଦାଖଲ କରିବେ । ଗ୍ରାମ୍ୟ ଯାଞ୍ଚ କମିଟି, ମାତୃ କମିଟି ଓ ପରିଦର୍ଶନ କରୁଥିବା ଅଧିକାରୀମାନେ ଭିନ୍ନ ଭିନ୍ନ ଭାବରେ ଗସ୍ତ ସମୟରେ ତନଖି କରିବେ । ଏହା ଦେଖିବେ ଯେ ନିକୃଷ୍ଟ ଧରଣର ଡାଲି, ଚାଉଳ ଓ ଅଣ୍ଡା ଯେପରି କିଣାଯିବ ନାହିଁ କିମ୍ବା ଯୋଗାଇ ଦିଆଯିବ ନାହିଁ ।

୧.୯. ଭଲ ଭାବରେ ସଂରକ୍ଷିତ କରିବା ପାଇଁ ବାୟୁ ଚଳାଚଳ ହେଉନଥିବା ବା ବନ୍ଦ୍ ଡବାରେ ଡାଲି, ସୋୟାବଡ଼ି, ତେଲ, ଆୟୋଡିନ୍ ଲୁଣ ଓ ଅନ୍ୟାନ୍ୟ ମସଲା ପ୍ରଭୃତି ଖାଦ୍ୟ ପଦାର୍ଥକୁ ରଖିବେ । ତେଲ ଓ ସୋୟାବଡିକୁ ଖୋଲାରେ କିଣାଯିବ ନାହିଁ କାରଣ ଏଥିରେ ଅପମିଶ୍ରଣ ହେବାର ସମ୍ଭାବନା ଅଛି । ଆଗ୍ ମାର୍କ କିମ୍ବା BIS ସ୍ୱୀକୃତିପ୍ରାପ୍ତ ଏକ ଲିଟର ବା ଦୁଇଲିଟର ପ୍ୟାକେଟ୍ ବା ମୋଟା କାଗଜ ପ୍ୟାକେଟ୍ ରେ ମିଳୁଥିବା ତେଲକୁ କିଣାଯିବ । ସେହିପରି ସୋୟାବଡି ମଧ୍ୟ ଏକ କିଲୋ ବା ଦୁଇ କିଲୋ ପ୍ୟାକେଟ୍‌ରେ ସ୍ୱୀକୃତି ପ୍ରାପ୍ତ ( ଆଗ ମାର୍କ ବା BIS ) ସଂସ୍ଥାର ପ୍ରମାଣ ଥାଇ କ୍ରୟ କରାଯିବ । ଲୁଣ ମଧ୍ୟ ଏକ କିଲୋ ପ୍ୟାକେଟ୍‌ରେ କିଣାଯିବ ଯାହାକି ଆଗ୍‌ମାର୍କ ଓ BIS ସ୍ୱୀକୃତି ପ୍ରାପ୍ତ ହୋଇଥିବ ।

୧.୧୦. ପରିଚାଳନା, ସମୀକ୍ଷା ଓ ମୂଲ୍ୟାୟନ ପାଇଁ (ଏମ୍.ଏମ୍.ଇ) ବିଦ୍ୟାଳୟକୁ ଦିଆଯାଇଥିବା ପାଣ୍ଠିକୁ ସଂରକ୍ଷଣ ଡବା, କିଣିବାରେ ଖର୍ଚ୍ଚ କରିବେ । ବିଶେଷ କରି ଚାଉଳ ସଂରକ୍ଷଣ ପାଇଁ ପୂର୍ବରୁ ଯଦି କିଣି ନଥିବେ ତେବେ ନିଶ୍ଚୟ କିଣିବେ । କୌଣସି ପରିସ୍ଥିତିରେ ଖାଦ୍ୟ ସାମଗ୍ରୀ କୁ ବିଦ୍ୟାଳୟ କିମ୍ବା ସ୍ୱୟଂ ସହାୟିକା ଦଳ ନିକଟରେ ଖୋଲା ରଖାଯିବ ନାହିଁ । ଗ୍ରାମ୍ୟ ଯାଞ୍ଚ କମିଟି ଏବଂ ପରିଦର୍ଶନ ଅଧିକାରୀ ବିଦ୍ୟାଳୟ ଗସ୍ତ ସମୟରେ ଏହା ତନଖି କରିବେ ।

୧.୧୧. ନିଷିଦ୍ଧ ହୋଇଥିବା ଡାଲି ଯଥା ଖେସାରୀ ଓ କୋଳଥ କୌଣସି ପରିସ୍ଥିତିରେ କିଣାଯିବ ନାହିଁ । ସେହିପରି ପାମୋଲିନ୍ ତେଲ, ବନସ୍ପତି ମଧ୍ୟ କିଣାଯିବ ନାହିଁ । କେବଳ ଆଗମାର୍କ ବା ବି.ଆଇ.ଏସ୍ ପ୍ରମାଣ ପତ୍ର ଥାଇ ରିଫାଇନ୍ ବା ସୋରିଷ ତେଲ କିଣାଯିବ ।

୧.୧୨. ବିଦ୍ୟାଳୟରେ କୌଣସି ଖାଦ୍ୟ ସାମଗ୍ରୀ ଅଧିକ ଦିନ ପର୍ଯ୍ୟନ୍ତ ସଂରକ୍ଷିତ ରଖାଯିବ ନାହିଁ । ପରିବା ଓ ଅଣ୍ଡା ବ୍ୟତୀତ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ସପ୍ତାହକ ପାଇଁ କିଣାଯିବ। ପରିବା ଏବଂ ଅଣ୍ଡା ରାନ୍ଧିବା ଦିନ ହିଁ କିଣାଯିବ । ଯଦି ଆଗମାର୍କ ବା ବି.ଆଇ.ଏସ୍ ମାର୍କର ତେଲ ବା ସୋୟା ବଡ଼ି ଆଦି ସ୍ଥାନୀୟ ବଜାରରେ ନ ମିଳେ, ତେବେ ପନ୍ଦର ଦିନ ପାଇଁ ଏହାକୁ (ମିଳୁଥିବା ସ୍ଥାନରୁ) କିଣାଯିବ ।

୧.୧୩. ରୋଷେୟା ଓ ସହାୟିକା:- ଯେଉଁ ରୋଷେୟା ବା ସହାୟିକାମାନେ ଏହି କାର୍ଯ୍ୟକ୍ରମରେ ନିୟୋଜିତ ହେବେ ସେମାନେ ତା.୧.୧୨.୨୦୦୯ ରୁ ଯଥାକ୍ରମେ ମାସିକ ଟ.୬୦୦.୦୦ଙ୍କା ଓ ଟ.୪୦୦.୦୦ଙ୍କା ହିସାବରେ ମାନଦେୟ ପାଇବେ । କୌଣସି ପରିସ୍ଥିତିରେ ସେମାନଙ୍କୁ ଏଥିରୁ ବଞ୍ଚିତ କରାଯିବ ନାହିଁ । ମାସର ୭ ତାରିଖ ସୁଦ୍ଧା ସେମାନଙ୍କର ବ୍ୟାଙ୍କ୍ ଆକାଉଣ୍ଟରେ ମାନଦେୟ ବାବଦ ଅର୍ଥ ପୈଠ ହେବ ।

୧.୧୪. ପରିଦର୍ଶନ ମୂଲ୍ୟ :- ଯେଉଁ ସଂସ୍ଥା ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପରିଚାଳନା କରିବେ। ସେମାନେ ଭୋଜନ ଅର୍ଥରୁ ପ୍ରତି ପିଲା ପିଛା ଦୈନିକ ଟ.୦.୨୦ ପଇସା ହିସାବରେ ପାଇବା ନିମନ୍ତେ ଧାର୍ଯ୍ୟ କରାଯାଇଛି । ଯେଉଁ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ କାର୍ଯ୍ୟକୁ ଶିକ୍ଷକ / ଗ୍ରାମ୍ୟ ଶିକ୍ଷା କମିଟି / ବିଦ୍ୟାଳୟ ପରିଚାଳନା କମିଟି ପରିଚାଳନା କରୁଛନ୍ତି ସେଠାରେ ତଦାରଖ ବାବଦ ଅର୍ଥ ପରିବା ବା ଋତୁକାଳିନ ଫଳ ଇତ୍ୟାଦି କିଣାରେ ଖର୍ଚ୍ଚ କରିବେ । ସେହି ବିଦ୍ୟାଳୟରେ ଖାଦ୍ୟର ମୂଲ୍ୟ ତଦନୁଯାୟୀ ପ୍ରଦର୍ଶନ କରାଯିବ । ଯଦି ସ୍ୱୟଂସହାୟକ ଦଳ ଏଥିରେ ସଂପୃକ୍ତ ଥାଆନ୍ତି ତେବେ ସେମାନେ ପ୍ରତି ପିଲା ପିଛା ଟ.୦.୨୦ ପଇସା ହିସାବରେ ତଦାରଖ ନିମନ୍ତେ ପାଇବେ।

୧.୧୫. ବିଦ୍ୟାଳୟରେ ଚାଉଳ ପହଞ୍ଚାଇବା ପାଇଁ ପରିବହନ ମୂଲ୍ୟ :- ଖାଦ୍ୟର ପରିବହନ, ମସଲା ଓ ଜାଳେଣୀ ଖର୍ଚ୍ଚ ପାଇଁ ଏକ ସମାନ ମୂଲ୍ୟ ଧାର୍ଯ୍ୟ କରାଯାଇଛି - ତଦନୁଯାୟୀ ଖର୍ଚ୍ଚ କରାଯିବ । ଭାରତୀୟ ଖାଦ୍ୟ ନିଗମ ଠାରୁ ଚାଉଳ ନେଇ ବିଦ୍ୟାଳୟଠାରେ ପହଞ୍ଚାଇବା ପାଇଁ ପରିବହନ ଖର୍ଚ୍ଚ ଦିଆଯିବ । ଯେହେତୁ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ସ୍ଥାନୀୟ ଅଞ୍ଚଳରୁ ସଂଗ୍ରହ କରାଯିବ, ସେଥିପାଇଁ କୌଣସି ପରିବହନ ଖର୍ଚ୍ଚ ନାହିଁ ।

| ଦୈନିକ ଜଣେ ଛାତ୍ର / ଛାତ୍ରୀ ଙ୍କ | ପ୍ରାଥମିକ | ଉଚ୍ଚ ପ୍ରାଥମିକ |
|---|---|---|

| ପାଇଁ | ବିଦ୍ୟାଳୟ | ବିଦ୍ୟାଳୟ |
|---|---|---|
| ମସଲା ଓ ୨ ଗ୍ରାମ ଆୟୋଡିନ୍ ଲୁଣ | ୦.୧୪ | ୦.୨୦ ପଇସା |
| ଜାଳେଣୀ | ୦.୨୨ | ୦.୪୦ ପଇସା |
| ପରିବହନ ଖର୍ଚ୍ଚ | ୦.୦୨ | ୦.୦୨ ପଇସା |

ଜିଲ୍ଲା ସ୍ତରରେ ଜିଲ୍ଲାପାଳ ପରିବହନ ଓ ଯୋଗାଣ ଠିକାଦାରଙ୍କୁ ସ୍ୱଚ୍ଛ ବିଜ୍ଞାପନ ଜରିଆରେ ନିୟମ ଅନୁଯାୟୀ ଚୟନ କରିବେ । ଯୋଗାଣ ଓ ପରିବହନ ଠିକାଦାରଙ୍କୁ ଆବଶ୍ୟକୀୟ ପାଉଣା ଦେଇସାରିବା ପରେ ଯଦି କିଛି ବଳକା ଅର୍ଥ ରହିବ ତେବେ ସେହି ଅର୍ଥରେ ଅନ୍ୟାନ୍ୟ କାର୍ଯ୍ୟ ଯଥା ବିଦ୍ୟାଳୟ କାନ୍ଥରେ ଛାତ୍ରଛାତ୍ରୀଙ୍କ ପ୍ରାପ୍ୟ ବାବଦରେ ବିବରଣୀ ଦିଆଯାଇ ପାରିବ କିମ୍ବା ଫଳ ଇତ୍ୟାଦି କିଣି ଅତିରିକ୍ତ ଖାଦ୍ୟ ଭାବରେ ବ୍ୟବହାର କରାଯାଇପାରିବ ।

ଅନୁବନ୍ଧ - ୩ ରେ ସପ୍ତାହରେ ପ୍ରତିଦିନ କିପରି ଭିନ୍ନ ଭିନ୍ନ ମଧାହ୍ନ ଭୋଜନ ରନ୍ଧାଯିବ ତାହାର ପ୍ରଣାଳୀ ଦିଆଯାଇଛି ।

ବିଭିନ୍ନ ଖାଦ୍ୟ ସାମଗ୍ରୀର ପୁଷ୍ଟିର ମୂଲ୍ୟ ଅନୁବନ୍ଧ ୪ ରେ ଦିଆଯାଇଛି । ଗରମ ଖାଦ୍ୟ ରନ୍ଧନ ବେଳେ ଏହି ସୂଚୀକୁ ଦେଖି ବିଭିନ୍ନ ପରିବା ଓ ଖାଦ୍ୟ ସାମଗ୍ରୀ ମିଶାଇବେ ।

୨. **ସଂଗ୍ରହ କରିବାର ପ୍ରଣାଳୀ :-**

ଉଦ୍ଦେଶ୍ୟ -

କ. ମଧାହ୍ନ ଭୋଜନ କାର୍ଯ୍ୟକ୍ରମକୁ ସଫଳ ଭାବରେ ପରିଚାଳନା କରିବା ପାଇଁ ସମୟ ଅନୁସାରେ ମିଳୁଥିବା ଖାଦ୍ୟ ସାମଗ୍ରୀକୁ ଆବଶ୍ୟକ ପରିମାଣରେ ଓ ନିର୍ଦ୍ଧାରିତ ମୂଲ୍ୟରେ କିଣାଯିବ ।

ଖ. ଖାଦ୍ୟ ସାମଗ୍ରୀ କିଣିଲା ବେଳେ ସ୍ୱଚ୍ଛତା, ଗୁଣବତ୍ତା ଏବଂ ମିତବ୍ୟୟିତା ଅବଲମ୍ବନ କରିବାକୁ ନିଶ୍ଚିତ କରିବେ ।

୨.୨. ସୁଯୋଗ ଏବଂ ପ୍ରୟୋଗ :-ସ୍ୱୟଂ ସହାୟକ ଦଳ ଓ ବିଦ୍ୟାଳୟ ପରିଚାଳନା କମିଟି ମଧାହ୍ନ ଭୋଜନ କାର୍ଯ୍ୟକ୍ରମକୁ ଚଳାଇବା ପାଇଁ ବିକେନ୍ଦ୍ରୀକରଣ ମାଧମରେ ସ୍ଥାନୀୟ ଅଞ୍ଚଳରୁ ଖାଦ୍ୟ ସାମଗ୍ରୀ କିଣିବେ। ମଧାହ୍ନ ଭୋଜନ କାର୍ଯ୍ୟକ୍ରମରେ ନିର୍ଦ୍ଧାରିତ ନିର୍ଦ୍ଦେଶାବଳୀ ଖାଦ୍ୟ ସାମଗ୍ରୀ ସଂଗ୍ରହ କରିବାରେ ପ୍ରୟୋଗ କରାଯିବ ।

୨.୩. ଅନୁମୋଦିତ ପ୍ରଣାଳୀ :- ସ୍ୱୟଂ ସହାୟକ ଦଳ ବା ବିଦ୍ୟାଳୟ ପରିଚାଳନା କମିଟି ମଧାହ୍ନ ଭୋଜନ ପାଇଁ ଖାଦ୍ୟ ସାମଗ୍ରୀ କିଣିବା ପାଇଁ ପ୍ରାଥମିକ ଭାବେ ଦାୟିତ୍ୱ ନେବେ, ଅନୁବନ୍ଧ - ୫ ରେ ଏହି ସବୁ ସାମଗ୍ରୀର ତାଲିକା ଦିଆଯାଇଛି । ଗ୍ରାମ୍ୟ ଯାଞ୍ଚ କମିଟି ଖାଦ୍ୟ ସାମଗ୍ରୀ କ୍ରୟର ସମୀକ୍ଷା କରିବେ ଏବଂ ଯଦି କିଛି ଅନିୟମିତତା ବା ବ୍ୟତିକ୍ରମ ଦୃଷ୍ଟିକୁ ଆସେ ତେବେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ।

ଯଦି କୌଣସି କାରଣରୁ ଏହାର ସମାଧାନ ସମ୍ଭବ ନୁହେଁ, ତେବେ ଉକ୍ତ କାର୍ଯ୍ୟକ୍ରମର ସଠିକ୍ ପରିଚାଳନା ପାଇଁ ସଂପୃକ୍ତ ସରପଞ୍ଚ / ପଞ୍ଚାୟତ ସମିତି ଅଧ୍ୟକ୍ଷ / ପୌରାଞ୍ଚଳର ଅଧ୍ୟକ୍ଷ / ପୌର ନିଗମର ମେୟର ବିହିତ ପଦକ୍ଷେପ ଗ୍ରହଣ କରିବେ ।

୨.୪. ଖାଦ୍ୟ ସଂଗ୍ରହର ଯୋଜନା :- ସ୍ୱୟଂ ସହାୟକ ଦଳ, ଗ୍ରାମ୍ୟ ଶିକ୍ଷା କମିଟି ଏବଂ ବିଦ୍ୟାଳୟ ପରିଚାଳନା କମିଟି ହିତାଧିକାରୀ ସଂଖ୍ୟା ଓ ଛାତ୍ରଛାତ୍ରୀ ପିଛା ଖାଦ୍ୟର ପରିମାଣ କୁ ହିସାବକୁ ନେଇ ମାସିକ ଯୋଜନା ପ୍ରସ୍ତୁତ କରିବେ ।

ସ୍ୱୟଂ ସହାୟକ ଦଳ, ବିଦ୍ୟାଳୟ ପରିଚାଳନା କମିଟି ସ୍ଥାନୀୟ ବଜାରରେ ବିଭିନ୍ନ ଖାଦ୍ୟ ସାମଗ୍ରୀର ନିର୍ଦ୍ଦିଷ୍ଟ ମାନ ଓ ମୂଲ୍ୟ ବୁଝିବା ପରେ କେଉଁ ଦୋକାନ ବା ସ୍ୱୟଂ ସହାୟକ ଦଳରୁ କିଣିବେ ତାହା ନିଷ୍ପତ୍ତି ନେବେ । ମାସିକ ଖାଦ୍ୟ କିଣିବା ପାଇଁ ଯୋଜନା କଲାବେଳେ ଯାଞ୍ଚ କମିଟି ସହିତ ଆଲୋଚନା କରି କି ପ୍ରକାର ଖାଦ୍ୟ ସାମଗ୍ରୀ କେଉଁଠାରୁ କେତେ ପରିମାଣ ର କିଣା ହେବ ତାହା ସ୍ଥିର କରିବେ । ଖାଦ୍ୟ ସାମଗ୍ରୀ ସଂଗ୍ରହ ଯୋଜନା ନିମନ୍ତେ ଫର୍ମାଟ୍ ଦିଆଯାଇଛି ।

୨.୫. ସ୍ଥାନୀୟ ଅଂଚଳରୁ କିଣିବା :- ପରିବହନ ଖର୍ଚ୍ଚ ଓ ସମୟ କୁ କମ୍ କରିବା ପାଇଁ ସ୍ୱୟଂସହାୟକ ଦଳ ଓ ବିଦ୍ୟାଳୟ ପରିଚାଳନା କମିଟି ସ୍ଥାନୀୟ ଅଞ୍ଚଳର ଦୋକାନ / ହାଟ / ଖୁଚୁରା ବ୍ୟବସାୟୀଙ୍କ ଠାରୁ ଖାଦ୍ୟ କିଣିବେ । ଯଦି ସ୍ୱୟଂ ସହାୟକ ଦଳ ବା ମହିଳା ଦଳ କୌଣସି ସାମଗ୍ରୀ ପ୍ରସ୍ତୁତି କରୁଛନ୍ତି ଏବଂ ବଜାର ଦର ସହିତ ସମାନ ଦର ଧାର୍ଯ୍ୟ କରିଛନ୍ତି ସେହି ସାମଗ୍ରୀ ସ୍ୱୟଂସହାୟକ ଦଳରୁ କିଣିବା ନିମନ୍ତେ ଅଗ୍ରାଧିକାର ଦିଆଯିବ ।

ଯଦି ଅଞ୍ଚଳରେ ଖାଦ୍ୟ ସାମଗ୍ରୀ ଶସ୍ତାରେ ମିଳୁଥାଏ ତେବେ ସ୍ୱୟଂ ସହାୟକ ଦଳ / ବିଦ୍ୟାଳୟ ପରିଚାଳନା କମିଟି ସେହି ବଳକା ଅର୍ଥକୁ ସଞ୍ଚୟ ନକରି ସେହି ଅର୍ଥକୁ ହିତାଧିକାରୀଙ୍କ ପାଇଁ ଅତିରିକ୍ତ ଖାଦ୍ୟ ସାମଗ୍ରୀ କିଣିବାରେ ବ୍ୟବହାର କରିବେ । ଶିଶୁମାନଙ୍କର ଖାଦ୍ୟ ବ୍ୟତିତ ଏହି ବଳକା ଅର୍ଥରେ ଅନ୍ୟ କୌଣସି ଖର୍ଚ୍ଚ କରାଯିବ ନାହିଁ ।

ଖାଦ୍ୟ ପାଇଁ ଧାର୍ଯ୍ୟ ଜାଳେଣୀ ଓ ପରିବହନ ନିମନ୍ତେ ସମସ୍ତ ହିତାଧିକାରୀଙ୍କ ପାଇଁ ଗୋଟିଏ ସମାନ ମୂଲ୍ୟ ଧାର୍ଯ୍ୟ କରାଯାଇଛି । ଏହାକୁ ତଦନୁଯାୟୀ ଅନୁସରଣ କରିବାକୁ ପଡ଼ିବ । ବିଦ୍ୟାଳୟ ପର୍ଯ୍ୟନ୍ତ ଭାରତୀୟ ଖାଦ୍ୟ ନିଗମ ଠାରୁ ଚାଉଳ ପହଞ୍ଚାଇବା ପାଇଁ ପରିବହନ ଅର୍ଥ ବ୍ୟବସ୍ଥା କରାଯାଇଛି । ଯେହେତୁ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ସ୍ଥାନୀୟ ଅଞ୍ଚଳରୁ କିଣାଯିବ ତେଣୁ ପରିବହନ ଖର୍ଚ୍ଚ ଏଥିପାଇଁ ଦିଆଯିବ ନାହିଁ ।

୨.୬. ଖାଦ୍ୟ ସଂଗ୍ରହ (କିଣିବା) ମୂଲ୍ୟ:- ସ୍ୱୟଂ ସହାୟକ ଦଳ / ବିଦ୍ୟାଳୟ ପରିଚାଳନା କମିଟି ସ୍ଥାନୀୟ ଖୁଚୁରା ଦୋକାନୀ / ହାଟ/ ସ୍ୱୟଂ ସହାୟକ ଦଳଙ୍କ ଠାରୁ ନିର୍ଦ୍ଧାରିତ ଖାଦ୍ୟ ସାମଗ୍ରୀର ମୂଲ୍ୟ ସଂଗ୍ରହ କରିବା ପରେ ମାସକ ନିମନ୍ତେ ଖାଦ୍ୟ ସାମଗ୍ରୀର ଦର ଧାର୍ଯ୍ୟ କରିବେ । ସବୁଠାରୁ କମ୍ ମୂଲ୍ୟରେ ମିଳୁଥିବା ସାମଗ୍ରୀ କିଣିବା ନିମନ୍ତେ ସ୍ଥିର କରାଯିବ । ସ୍ଥାନୀୟ କେଉଁ ଖୁଚୁରା ବ୍ୟବସାୟୀ /

ହାଟ/ ଦୋକାନ ବା ସ୍ୱୟଂ ସହାୟକ ଦଳ ରୁ ସାମଗ୍ରୀ କିଣାଯିବ, ତାହା ମାସର ଶେଷ ସପ୍ତାହରେ ସ୍ଥିର କରାଯିବ । ସାମଗ୍ରୀ ଗୁଡିକ ବାଛିବା ବା ଦର ଧାର୍ଯ୍ୟ କରିବା ଇତ୍ୟାଦି କମିଟିରେ ସ୍ଥିର ହେବା ପରେ ଲିପିବଦ୍ଧ କରାଯିବ । ଯଦି ଖାଦ୍ୟ ସାମଗ୍ରୀ ସ୍ୱୟଂ ସହାୟକ ଦଳଙ୍କ ଠାରୁ କିଣାଯାଉଥାଏ, ତେବେ ସଂପୃକ୍ତ ବିଦ୍ୟାଳୟ ପରିଚାଳନା କମିଟି / ସ୍ୱୟଂ ସହାୟକ ଦଳ ସେମାନଙ୍କ ସହ ଆଲୋଚନା କରିବେ ଯେପରିକି ଏହି ମୂଲ୍ୟ ବଜାର ମୂଲ୍ୟ ଠାରୁ ଅଧିକା ହେବ ନାହିଁ ।

ମଧ୍ୟାହ୍ନ ଭୋଜନ ପାଇଁ ଖାଦ୍ୟ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ଓ ଦୋକାନ ଚୟନ ସମ୍ପର୍କୀତ ବିବରଣୀ ଅନୁବନ୍ଧ-୭ ସାରଣୀରେ ଲିପିବଦ୍ଧ କରାଯିବ ।

୨.୭. ପ୍ରାପ୍ୟ ସମ୍ବନ୍ଧୀୟ ତଥ୍ୟ ଓ ପ୍ରଣାଳୀ :- ନଗଦ ପଇସା ଦେଇ ସମସ୍ତ ସାମଗ୍ରୀ କ୍ରୟ କରାଯିବ । ଠିକ୍ ସମୟରେ ପ୍ରାପ୍ୟ ଦେବା ପାଇଁ ବି.ଡ଼ି.ଓ ବ୍ୟବସ୍ଥା କରାଇବେ । ପ୍ରାପ୍ୟ ଦେବାରେ ବିଳମ୍ବ କାରଣରୁ ଖାଦ୍ୟ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେଲେ ସେ ଏଥିପାଇଁ ଦାୟୀ ରହିବେ ।

ଜିଲ୍ଲାପାଳ ପ୍ରତିମାସରେ ଖାଦ୍ୟ କାର୍ଯ୍ୟକ୍ରମକୁ ସମୀକ୍ଷା କରିବେ ଓ ବିଳମ୍ବରେ ଅର୍ଥ ପ୍ରଦାନ ଯୋଗୁଁ ଯେପରି ଖାଦ୍ୟ କାର୍ଯ୍ୟକ୍ରମରେ ଅସୁବିଧା ନ ହୁଏ ସେଥିପାଇଁ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବେ ।

୩. ଅର୍ଥନୈତିକ ପ୍ରଣାଳୀ :-

୩.୧. ବ୍ୟାଙ୍କ୍ ଆକାଉଣ୍ଟ -

କ. ଗୋଟିଏ ମିଳିତ ପାସ୍ ବହି ନିକଟସ୍ଥ ବ୍ୟାଙ୍କରେ ଖୋଲାଯିବା ପାଇଁ ଉଲ୍ଲେଖ ଅଛି । ସମସ୍ତ ପ୍ରାପ୍ତ ଅର୍ଥ ପାସ୍ ବହିରେ ଜମା ରହିବ ଏବଂ ଖାଦ୍ୟ ସାମଗ୍ରୀର କ୍ରୟ ଇତ୍ୟାଦି ନିମନ୍ତେ ଏହି ବହିରେ ଥିବା ଜମା ରାଶିରୁ ଖର୍ଚ୍ଚ କରାଯିବ ।

ଖ. ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟର ଗଚ୍ଛିତ ଅର୍ଥ ରାଶିରୁ ଟ.୨୦,୦୦୦/- ଏହି ବ୍ୟାଙ୍କ ଆକାଉଣ୍ଟରେ ଜମା କରିବେ । ଯେଉଁ ବିଦ୍ୟାଳୟରେ ୪୦୦ ରୁ ଅଧିକ ହିତାଧିକାରୀ ଥିବେ ସେଠାରେ ଟ.୩୦,୦୦୦/- ଜମା କରାଯିବ । ମାସକ ପାଇଁ ଆବଶ୍ୟକ ହେଉଥିବା ଖାଦ୍ୟ ସାମଗ୍ରୀ କିଣାଯିବା ନିମନ୍ତେ ଯୁଗ୍ମ ସ୍ୱାକ୍ଷରକାରୀ ମାସିକ ଭିତ୍ତିରେ ଅର୍ଥ ଉଠାଣ କରିବେ ଏବଂ ମାସିକ ଖର୍ଚ୍ଚ ବିବରଣୀ ବି.ଡି.ଓ.ଙ୍କ ନିକଟରେ ଧାର୍ଯ୍ୟ ଫର୍ମାଟରେ ଦାଖଲ କରିବା ପରେ ତାହା ଭରଣା କରାଯିବ । ବି.ଡି.ଓ ପ୍ରତି ମାସର ୭ ତାରିଖ ସୁଦ୍ଧା ଖର୍ଚ୍ଚ ପରିମାଣ ଅର୍ଥ ପରବର୍ତ୍ତୀ ମାସ ନିମନ୍ତେ ସ୍ୱତଃ ପ୍ରବୃତ୍ତ ଭାବରେ ମିଳିତ ପାସ୍ ବହିରେ ଜମା କରିବେ । ପୂର୍ବ ମାସରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଏବଂ ଖର୍ଚ୍ଚଦାବୀକୁ ଭିତ୍ତି କରି ଏହି ଜମା କରାଯିବ ।

ଗ. ଇ-ଟ୍ରାନ୍ସଫର ମାଧ୍ୟମରେ ସମସ୍ତ ଟଙ୍କା ମିଳିତ ପାସ୍ ବହିରେ ଜମା କରାଯିବ । ଜିଲ୍ଲାପାଳ ଏହା ନିଶ୍ଚିତ କରିବେ, ଯେପରିକି ଏଥିରେ କୌଣସି ବ୍ୟତିକ୍ରମ ହେବ ନାହିଁ ।

ଘ. ଉଭୟ ଦସ୍ତଖତକାରୀଙ୍କୁ ବ୍ୟାଙ୍କ ଗୋଟିଏ ଚେକ୍ ବୁକ୍ ଯୋଗାଇ ଦେବାପାଇଁ ଅନୁରୋଧ କରାଯିବ । ଫଳରେ ଉଭୟ ଟଙ୍କା ଉଠାଣ ବେଳେ ତାହା ପୂରଣ କରି ବ୍ୟାଙ୍କରେ ଜମା

କରିବେ । ଉଭୟ ଦସ୍ତଖତକାରୀ ଟଙ୍କା ଉଠାଣବେଳେ ବ୍ୟାଙ୍କକୁ ଯିବା ଦରକାର ନାହିଁ। ସେମାନଙ୍କ ମଧ୍ୟରୁ ଯେ କୌଣସି ଜଣେ ସୁବିଧା ଅନୁସାରେ ଯାଇପାରନ୍ତି ।

ଙ. ବ୍ୟାଙ୍କର ଜମା ଅର୍ଥରୁ ଆସୁଥିବା ସୁଧ ଟଙ୍କାରେ ଖାଦ୍ୟ ସଂରକ୍ଷଣ ପାଇଁ ପାତ୍ର, ଗ୍ୟାସ୍ ସିଲିଣ୍ଡର ପ୍ରଭୃତି ଯାଞ୍ଚ କମିଟିର ସୁପାରିଶ୍ କ୍ରମେ ଏବଂ ବି.ଡି.ଓ.ଙ୍କର ଅନୁମୋଦନରେ କିଣାଯାଇପାରିବ ।

୩.୨. ହିସାବପତ୍ର ବହି :-

ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସ୍ୱୟଂ ସହାୟକ ଦଳ ଓ ବିଦ୍ୟାଳୟ ପରିଚାଳନା କମିଟି/ ଗ୍ରାମ୍ୟ ଶିକ୍ଷା କମିଟିର ସମ୍ପାଦକଙ୍କ ମିଳିତ ସ୍ୱାକ୍ଷରରେ ଦୈନନ୍ଦିନ ଏହି ହିସାବପତ୍ର ଲେଖି ରଖିବେ । ଏହି ହିସାବପତ୍ର ବହି ମଝିରେ ମଝିରେ ବିଦ୍ୟାଳୟ ପରିଚାଳନା କମିଟି, ବି.ଡି.ଓ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଓ ଜିଲ୍ଲାପାଳ ତଥା ଅନ୍ୟାନ୍ୟ ଅଧିକାରୀମାନଙ୍କ ଦ୍ୱାରା ଯାଞ୍ଚ କରାଯିବ ।

କ. କ୍ୟାସ ବହି (ଅନୁବନ୍ଧ - ୮)

ବ୍ୟାଙ୍କ୍ ରେ ଜମା କରାଯାଇଥିବା ସମସ୍ତ ପ୍ରାପ୍ତ ଅର୍ଥର ପରିମାଣ କ୍ୟାସ୍ ବହିର ପ୍ରାପ୍ତ ପୃଷ୍ଠାରେ ଲେଖାଯିବ । ଯେ କୌଣସି ଟଙ୍କା ବ୍ୟାଙ୍କରୁ ଉଠେଇଲା ବେଳେ, ବ୍ୟାଙ୍କର 'ଦେୟ' ସ୍ତମ୍ଭରେ ଲେଖାଯିବ ଏବଂ ଗ୍ରହଣ କରୁଥିବା ଟଙ୍କା 'ପ୍ରାପ୍ତ' ସ୍ତମ୍ଭରେ ଲେଖାଯିବ । ନଗଦ ଟଙ୍କା ବା ଚେକ୍ ଆକାରରେ ପ୍ରଦାନ କରାଯାଉଥିବା ଅର୍ଥ ଉଭୟେ ଦେୟ ସ୍ତମ୍ଭରେ ଲେଖାଯିବ । ବ୍ୟାଙ୍କରୁ ମିଳୁଥିବା ସୁଧ ବ୍ୟାଙ୍କର 'ପ୍ରାପ୍ତ' ସ୍ତମ୍ଭରେ ଲେଖାଯିବ ସଙ୍ଗେ ସଙ୍ଗେ କ୍ୟାସ ବୁକ୍‌ର ମଧ୍ୟ 'ପ୍ରାପ୍ତ' ସ୍ତମ୍ଭରେ ଲେଖାଯିବ । କ୍ୟାସ୍ ବହିର ପ୍ରତିଟି ପୃଷ୍ଠାରେ ଉଭୟ ଦସ୍ତଖତ ନିଶ୍ଚିତ ରହିବ ।

ଖ. କ୍ରୟ ଖାତା (ଅନୁବନ୍ଧ - ୯)

ଏହି ଖାତାରେ ଖାଦ୍ୟ ସାମଗ୍ରୀର ନାମ ପରିମାଣ, ମୂଲ୍ୟ, ସମୁଦାୟ ମୂଲ୍ୟ ଏବଂ କିଣା ହେବାର ତାରିଖ ଲେଖାଯିବ । ସତ୍ୟତା ପ୍ରତିପାଦନ ନିମନ୍ତେ ପ୍ରତ୍ୟେକ ପୃଷ୍ଠାରେ ପ୍ରସ୍ତୁତ କର୍ତ୍ତାଙ୍କର ଦସ୍ତଖତ ନିଶ୍ଚୟ ରହିବ ।

ଗ. ଭଣ୍ଡାର ଖାତା (ଅନୁବନ୍ଧ -୧୦)/ଏହି ଖାତାରେ ଖାଦ୍ୟ ସାମଗ୍ରୀର ପୂର୍ବ ଜମା, ପ୍ରାପ୍ତି ଖର୍ଚ୍ଚ ଏବଂ ଅବଶିଷ୍ଟ ସାମଗ୍ରୀ ଇତ୍ୟାଦି ପ୍ରତିଦିନ ବିଶଦ ଭାବରେ ଲେଖାଯିବ । ପ୍ରତ୍ୟେକ ସାମଗ୍ରୀ ନିମନ୍ତେ ଅଲଗା ଅଲଗା ପୃଷ୍ଠା ରଖାଯିବ । ସତ୍ୟତା ପ୍ରତିପାଦନ ନିମନ୍ତେ ପ୍ରତ୍ୟେକ ପୃଷ୍ଠାରେ ପ୍ରଧାନ ଶିକ୍ଷକ (ଖାଦ୍ୟ ସାମଗ୍ରୀ ବିଦ୍ୟାଳୟରେ ଗଚ୍ଛିତ ରଖାଯାଉଥିଲେ) ବା ସ୍ୱୟଂ ସହାୟକ ଦଳର ସଭାପତି (ଯଦି ସ୍ୱୟଂ ସହାୟକ ଦଳଙ୍କ ନିକଟରେ ଗଚ୍ଛିତ ରଖାଯାଉଥିବ) ଦସ୍ତଖତ କରିବେ ।

ଘ. ବ୍ୟୟ ବିବରଣୀ ଅନୁବନ୍ଧ - ୧୧ ରେ ଦର୍ଶାଯାଇଛି ।

ଡ. ବ୍ୟାଙ୍କ ସମ୍ମତ ବିବରଣୀ (ଅନୁବନ୍ଧ-୧୨) – ଏହି ବିବରଣୀ ଦ୍ୱାରା ପ୍ରତ୍ୟେକ ମାସର ଶେଷ ଦିନ ସୁଦ୍ଧା ବ୍ୟାଙ୍କ୍ ପାସ୍ ବହିରୁ ଟଙ୍କା ଉଠାଣ ପରେ ବଳକା ରାଶି ସହିତ କ୍ୟାସ୍ ବୁକ୍‌ର ବଳକା ଜମା ମେଳ ଖାଉଥିବାର ଦେଖାଯିବ । ବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ପ୍ରତି ୩ ମାସରେ ଥରେ ଏହା ପ୍ରସ୍ତୁତ କରାଯିବ ।

ଢ. ସ୍ୱୟଂ ସହାୟକ ଦଳର ପ୍ରାପ୍ୟ ରେଜିଷ୍ଟର – (ଅନୁବନ୍ଧ - ୧୩)

ସ୍ୱୟଂସହାୟକ ଦଳ ଦ୍ୱାରା ରନ୍ଧନ ପରିଚାଳନା କରାଯାଉଥିଲେ ତତ୍‌ସମ୍ବନ୍ଧୀୟ ଖର୍ଚ୍ଚର ସମସ୍ତ ବିବରଣୀ ଏହି ରେଜିଷ୍ଟରରେ ଲେଖାଯିବ ।

୩.୩. ଖାଦ୍ୟ ସାମଗ୍ରୀ କ୍ରୟ କରିବାର ପ୍ରଣାଳୀ:- ସ୍ୱୟଂ ସହାୟକ ଦଳ ଚାଉଳ ବ୍ୟତିତ ରନ୍ଧା ଖାଦ୍ୟର ସମସ୍ତ ଆବଶ୍ୟକୀୟ ସାମଗ୍ରୀ ନିର୍ଦ୍ଧାରିତ ନିର୍ଦ୍ଦେଶାବଳୀ ଅନୁସାରେ କିଣିବେ, କିମ୍ୱା ଅତି ଆବଶ୍ୟକ ସ୍ଥଳେ ବିଦ୍ୟାଳୟ ପରିଚାଳନା କମିଟି କିମ୍ୱା ଗ୍ରାମ୍ୟ ଶିକ୍ଷା କମିଟି ଏହା କିଣିପାରିବେ । ଗୁଣାତ୍ମକ ନିର୍ଦ୍ଦେଶାବଳୀ ଅନୁସାରେ ଖାଦ୍ୟ ସାମଗ୍ରୀର ଗୁଣମାନ ହେବା ଉଚିତ୍ । ବିଶେଷ ଭାବରେ ଗୋଟିଏ ସମୟରେ ପୂର୍ବଜମା ସହିତ ଚଳିତ କିଣାଯାଉଥିବା ଖାଦ୍ୟ ସାମଗ୍ରୀର ପରିମାଣ ସପ୍ତାହକର ଦରକାର ସାମଗ୍ରୀ ଠାରୁ ଅଧିକ ହେବା ଉଚିତ୍ ନୁହେଁ । ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ନିମନ୍ତେ ଧାର୍ଯ୍ୟ କରାଯାଇଥିବା ଖାଦ୍ୟ ସାମଗ୍ରୀକୁ ଭିତ୍ତିକରି ଆବଶ୍ୟକ ପରିମାଣର ଖାଦ୍ୟ ସାମଗ୍ରୀ ସରକାରୀ ଅର୍ଥରେ କିଣିବା ବେଳେ କର୍ମକର୍ତ୍ତାମାନେ ନିଜ ପଇସା ଖର୍ଚ୍ଚ କରିବା ଭଳି ସାବଧାନତା ଅବଲମ୍ବନ କରିବେ ବା ଯତ୍ନବାନ ହେବେ ।

୩.୪. ଖର୍ଚ୍ଚର ଭରଣା :- ଅନୁବନ୍ଧ ୧୫ ରେ ଦିଆଯାଇଥିବା ଫର୍ମାଟ୍‌ରେ ସ୍ୱୟଂ ସହାୟକ ଦଳ / ବିଦ୍ୟାଳୟ ପରିଚାଳନା କମିଟିର ସେକ୍ରେଟେରୀ, ପ୍ରତିମାସ ପାଇଁ ମିଳିତ ଭାବେ ଖର୍ଚ୍ଚର ବିବରଣୀ ପ୍ରସ୍ତୁତ କରି ସେଥିରେ ଦସ୍ତଖତ କରିବେ । ଏହି ଖର୍ଚ୍ଚର ବିବରଣୀ ବି.ଡି.ଓ ଙ୍କ ପାଖରେ ଅନୁମୋଦନ ଏବଂ ଆବଶ୍ୟକ ଅର୍ଥରାଶି ମିଳିତ ପାସ୍ ବହିକୁ ପଠାଯିବା ପାଇଁ ଦାଖଲ ହେବ ।

ସ୍ୱୟଂ ସହାୟକ ଦଳ / ବିଦ୍ୟାଳୟ ପରିଚାଳନା କମିଟି / ଗ୍ରାମ୍ୟ ଶିକ୍ଷା କମିଟିର ସମ୍ପାଦକ ଖାଦ୍ୟ ସାମଗ୍ରୀ କିଣା ଯାଉଥିବାର ପ୍ରମାଣ ସ୍ୱରୂପ ସମସ୍ତ ଭାଉଚର / ବିଲ୍ ଏବଂ କୋଟେସନ ଆଦି ସୁରକ୍ଷିତ ରଖିବେ । ଦରକାର ସମୟରେ ପରିଦର୍ଶନରେ ଆସୁଥିବା ଅଧିକାରୀଙ୍କ ପାଖରେ ହିସାବ ବହି ସହ ସେଗୁଡିକ ଉପସ୍ଥାପନ କରିବେ ।

ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିନସ୍ଥ ପରିପୂରକ ଭୋଜନର ଗରମ ରନ୍ଧା ଖାଦ୍ୟ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ ୪, ୫, ୬ ଏବଂ ୭ ରେ ଗ୍ରାମ, ଗ୍ରାମ ପଞ୍ଚାୟତ ଏବଂ ଜିଲ୍ଲା ସ୍ତରର ସମୀକ୍ଷା ଓ ତଦାରଖ ତଥା ଫଳପ୍ରଦ ବିକେନ୍ଦ୍ରୀକରଣ ନିମନ୍ତେ ତାଲିମ ଆଦି ସମ୍ବନ୍ଧରେ ନିର୍ଦ୍ଦେଶନାମା ଦିଆଯାଇଛି, ତାହା ଏ କ୍ଷେତ୍ରରେ ମଧ ଅନୁସରଣ କରାଯିବ ।

ଅନୁବନ୍ଧ - ୧

## ମଧ୍ୟାହ୍ନ ଭୋଜନର ନିର୍ଦ୍ଦେଶାବଳୀ
## ହାରାହାରି ହିସାବ

| ବିଭିନ୍ନ ସାମଗ୍ରୀ | ୧ମ ରୁ ୫ମ ଶ୍ରେଣୀ ହିତାଧିକାରୀ ପିଛା ଦୈନିକ ଖର୍ଚ୍ଚ | ୬ଷ୍ଠ ରୁ ୮ମ ଶ୍ରେଣୀ ହିତାଧିକାରୀ ପିଛା ଦୈନିକ ଖର୍ଚ୍ଚ |
|---|---|---|
| ମସଲା ଓ ୨ ଗ୍ରାମ ଆୟୋଡିନ୍ ଯୁକ୍ତ ଲୁଣ | ୦.୧୪ | ୦.୨୦ |
| ଜାଳେଣି | ୦.୨୨ | ୦.୪୦ |
| ପରିବହନ ଖର୍ଚ୍ଚ | ୦.୦୨ | ୦.୦୨ |
| ତଦାରଖ ମୂଲ୍ୟ | ୦.୨୦ | ୦.୨୦ |

ଅନୁବନ୍ଧ - ୨

## ଗରମ ରନ୍ଧାଖାଦ୍ୟ ୧ମ ରୁ – ୮ମ ଶ୍ରେଣୀ ପର୍ଯ୍ୟନ୍ତ
### ସୋମବାର ଓ ଗୁରୁବାର– ଭାତ ଓ ଡାଲମା

| | ୧ମ ଶ୍ରେଣୀ ରୁ ୫ମ ଶ୍ରେଣୀ | | | ୬ଷ୍ଠ ଶ୍ରେଣୀ ରୁ ୮ମ ଶ୍ରେଣୀ | | |
|---|---|---|---|---|---|---|
| ବିବରଣୀ | ପରିମାଣ ଜଣପିଛା (ଗ୍ରାମରେ) | ଶକ୍ତି | ପୃଷ୍ଟି | ପରିମାଣ ଜଣପିଛା (ଗ୍ରାମରେ) | ଶକ୍ତି | ପୃଷ୍ଟି |
| ୧ | ୨ | ୩ | ୪ | ୫ | ୬ | ୭ |
| ଚାଉଳ | ୧୦୦ | ୩୪୫ | ୬.୮୦ | ୧୫୦ | ୫୧୮ | ୧୦.୨୦ |
| ଡାଲି | ୨୫ | ୯୦ | ୪.୨୮ | ୩୦ | ୧୦୮ | ୫.୧୩ |
| ତେଲ | ୨ | ୧୮ | ୦.୦୦ | ୫ | ୪୫ | ୦.୦୦ |
| ଆଳୁ ଓ ପନି ପରିବା | ୨୫ | ୨୦ | ୦.୬୩ | ୧୦୦ | ୮୦ | ୨.୫୦ |
| ମୋଟ୍ | | ୪୭୩ | ୧୧.୭୦ | | ୭୫୧ | ୧୭.୮୩ |

### ମଙ୍ଗଳବାର ଓ ଶୁକ୍ରବାର – ଭାତ ଓ ସୋୟାବଡି ତରକାରୀ

| | ୧ମ ଶ୍ରେଣୀ ରୁ ୫ମ ଶ୍ରେଣୀ | | | ୬ଷ୍ଠ ଶ୍ରେଣୀ ରୁ ୮ମ ଶ୍ରେଣୀ | | |
|---|---|---|---|---|---|---|
| ବିବରଣୀ | ପରିମାଣ ଜଣପିଛା (ଗ୍ରାମରେ) | ଶକ୍ତି | ପୃଷ୍ଟି | ପରିମାଣ ଜଣପିଛା (ଗ୍ରାମରେ) | ଶକ୍ତି | ପୃଷ୍ଟି |
| ୧ | ୨ | ୩ | ୪ | ୫ | ୬ | ୭ |
| ଚାଉଳ | ୧୦୦ | ୩୪୫ | ୬.୮୦ | ୧୫୦ | ୫୧୮ | ୧୦.୨୦ |

| | | | | | | |
|---|---|---|---|---|---|---|
| ସୋୟା ବଡି | ୧୦ | ୩୪ | ୩.୦୦ | ୨୦ | ୬୭ | ୬.୦୦ |
| ତେଲ | ୩ | ୨୭ | ୦.୦୦ | ୫ | ୪୫ | ୦.୦୦ |
| ଆଳୁ ଓ ପନି ପରିବା | ୧୦୦ | ୮୦ | ୨.୫୦ | ୧୦୦ | ୮୦ | ୨.୫୦ |
| ମୋଟ୍ | | ୪୮୬ | ୧୨.୩୦ | | ୭୦୯.୭୦ | ୧୮.୭୦ |

**ବୁଧବାର – ଭାତ ଓ ଅଣ୍ଡା ତରକାରୀ**

| | ୧ମ ଶ୍ରେଣୀ ରୁ ୫ମ ଶ୍ରେଣୀ | | | ୬ଷ୍ଠ ଶ୍ରେଣୀ ରୁ ୮ମ ଶ୍ରେଣୀ | | |
|---|---|---|---|---|---|---|
| ବିବରଣୀ | ପରିମାଣ ଜଣପିଛା (ଗ୍ରାମରେ) | ଶକ୍ତି | ପୃଷ୍ଟି | ପରିମାଣ ଜଣପିଛା (ଗ୍ରାମରେ) | ଶକ୍ତି | ପୃଷ୍ଟି |
| ୧ | ୨ | ୩ | ୪ | ୫ | ୬ | ୭ |
| ଚାଉଳ | ୧୦୦ | ୩୪୫ | ୬.୮୦ | ୧୫୦ | ୫୧୮ | ୧୦.୨୦ |
| ଅଣ୍ଡା | ୪୦ | ୬୯ | ୫.୩୨ | ୪୦ | ୬୯ | ୫.୩୨ |
| ତେଲ | ୩ | ୨୭ | ୦.୦୦ | ୫ | ୪୫ | ୦.୦୦ |
| ଆଳୁ ଓ ପନି ପରିବା | ୨୦ | ୧୬ | ୦.୫୦ | ୧୦୦ | ୮୦ | ୨.୫୦ |
| ମୋଟ୍ | | ୪୫୭ | ୧୨.୬୨ | | ୭୧୨ | ୧୮.୦୨ |

ଅନୁବନ୍ଧ – ୩

ଗରମ ରନ୍ଧା ଖାଦ୍ୟ :

ଭାତ ଡାଲମା

- ପରିଷ୍କାର କରି ଚାଉଳ ଧୋଇ ଦିଅନ୍ତୁ ।
- ଆବଶ୍ୟକୀୟ ପରିମାଣରେ ପରିଷ୍କାର ପାଣି ଦେଇ ରାନ୍ଧନ୍ତୁ ଯେପରିକି ଶେଷରେ ବଳକା ପାଣି ବାହାର କରିବାକୁ ନ ପଡେ ।
- ପରିଷ୍କାର ପାଣିରେ ଏହା ନରମ ଏବଂ ଖାଇବା ଯୋଗ୍ୟ ହେବା ପର୍ଯ୍ୟନ୍ତ ରାନ୍ଧନ୍ତୁ ।
- ପରିଷ୍କାର ପାଣିରେ ପୂର୍ବରୁ ପରିଷ୍କାର ହୋଇଥିବା ଡାଲିକୁ ଭଲଭାବରେ ଧୋଇ ଏହାକୁ ୧୦ ମିନିଟ୍ ପର୍ଯ୍ୟନ୍ତ ପାଣିରେ ଭିଜାଇ ରଖନ୍ତୁ ।
- ପନିପରିବା ଧୋଇ ପରିଷ୍କାର କରନ୍ତୁ ଏବଂ ଏହାକୁ ମଧ୍ୟମ ଖଣ୍ଡ କରି କାଟି ରଖନ୍ତୁ ।
- ସାମାନ୍ୟ ପରିମାଣର ତେଲ ଗରମ କରନ୍ତୁ । ସୋରିଷ / ଫୁଟଣ ମିଶାନ୍ତୁ । ବର୍ତ୍ତମାନ ପରିବା (ଋତୁ ଅନୁଯାୟୀ ମିଳୁଥିବା ପରିବା ଏବଂ ଆଳୁ ମିଶାନ୍ତୁ) ଭିଜା ହୋଇଥିବା ଡାଲି ପାଣି ସହ ଢାଳନ୍ତୁ ଏବଂ ହଳଦୀ ମିଶାନ୍ତୁ ।

- ଡାଲି ନରମ ହେବା ପର୍ଯ୍ୟନ୍ତ ରାନ୍ଧନ୍ତୁ ।
- ଶେଷରେ ଆୟୋଡିନ ଯୁକ୍ତ ଲୁଣ ମିଶାନ୍ତୁ ଓ ଘୋଡାଇ ରଖନ୍ତୁ ।
- ସବୁବେଳେ ସହଜରେ ମିଳୁଥିବା ଋତୁକାଳୀନ ତଟକା ପନିପରିବା ମିଶାଇବା ଭଲ । ନିଜ ଅଞ୍ଚଳରେ ମିଳୁଥିବା ସବୁଜ ପରିବା ଓ ଶାଗ ଯଥା ସଜନା ପତ୍ର ଡାଲମାରେ ମିଶାଇ ରାନ୍ଧନ୍ତୁ । ଏହା ଖାଦ୍ୟରେ କ୍ଷୁଦ୍ରପୁଷ୍ଟି ବଢ଼ାଏ ।
- ଆଳୁକୁ କେବଳ ଧୋଇ ପରିଷ୍କାର କରନ୍ତୁ । ଏହାର ଚୋପା ଛଡାନ୍ତୁ ନାହିଁ । ଯେକୌଣସି ପରିବା ବିଶେଷ କରି ପତ୍ରଯୁକ୍ତ ପରିବା କାଟିବା ପୂର୍ବରୁ ଭଲଭାବରେ ଧୋଇ ପରିଷ୍କାର କରନ୍ତୁ । ସବୁବେଳେ ରାନ୍ଧିବା ଶେଷ ବେଳକୁ ଆୟୋଡିନ୍ ଯୁକ୍ତ ଲୁଣ ମିଶାନ୍ତୁ ନଚେତ୍ ଏହା ନଷ୍ଟ ହୋଇଯାଏ ।

**ଭାତ ଓ ଆଳୁ ସୋୟାବଡି ତରକାରୀ**

- ପରିଷ୍କାର କରି ଚାଉଳ ଧୋଇ ଦିଅନ୍ତୁ ।
- ଆବଶ୍ୟକୀୟ ପରିମାଣରେ ପରିଷ୍କାର ପାଣି ଦେଇ ରାନ୍ଧନ୍ତୁ ଯେପରିକି ଶେଷରେ ବଳକା ପାଣି ବାହାର କରିବାକୁ ନ ପଡେ ।
- ପରିଷ୍କାର ପାଣିରେ ଏହା ନରମ ଏବଂ ଖାଇବା ଯୋଗ୍ୟ ହେବା ପର୍ଯ୍ୟନ୍ତ ରାନ୍ଧନ୍ତୁ ।
- ସୋୟା ବଡିକୁ ଫୁଟା ପାଣିରେ ୨୫ ରୁ ୩୦ ମିନିଟ୍ ରଖନ୍ତୁ । ତା ପରେ ଏହାକୁ ଚିପୁଡି ପାଣି ବାହାର କରି ଦିଅନ୍ତୁ ।
- ସୋୟା ବଡିକୁ ଦୁଇ ଫାଳ କରି କାଟନ୍ତୁ
- ଆଳୁକୁ ପରିଷ୍କାର ପାଣିରେ ଠିକ୍ ଭାବରେ ଧୋଇ ମଧ୍ୟମ ଆକାରରେ ଖଣ୍ଡ କରି କାଟନ୍ତୁ ।
- କଡେଇରେ ତେଲ ଗରମ କରନ୍ତୁ, ସୋରିଷ / ଫୁଟଣ ପକାନ୍ତୁ, ସେଥିରେ ଭଲ ଭାବରେ କଟା ଯାଇଥିବା ପିଆଜ/ ରସୁଣ, ଅଦା ମିଶାନ୍ତୁ, ସେଥିରେ ହଳଦୀ ଗୁଣ୍ଡ, ଆଳୁ ଏବଂ ପାଣି ମିଶାଇ ରାନ୍ଧନ୍ତୁ ।
- ସେଥିରେ ଟମାଟୋ / ଅନ୍ୟାନ୍ୟ ଋତୁକାଳୀନ ପରିବା ଯଥା – କଖାରୁ, ଗାଜର, କନ୍ଦମୂଳ ଇତ୍ୟାଦି ମିଶାନ୍ତୁ ।
- କଟା ଯାଇଥିବା ସୋୟା ବଡିକୁ ସେଥିରେ ମିଶାନ୍ତୁ
- ଆବଶ୍ୟକ ଅନୁସାରେ ୫ ରୁ ୧୦ ମିନିଟ୍ ଏହାକୁ ମିଶାଇ ରାନ୍ଧନ୍ତୁ ।
- ଶେଷରେ ଆୟୋଡିନ୍ ଯୁକ୍ତ ଲୁଣ ମିଶାନ୍ତୁ ଓ ଏହାକୁ ଘୋଡାଇ ରଖନ୍ତୁ ।
- ଏହାର ପୌଷ୍ଟିକ ମୂଲ୍ୟ ବଢ଼ାଇବା ପାଇଁ ସହଜରେ ମିଳୁଥିବା ଋତୁକାଳୀନ ପନିପରିବା ମିଶାଇବା ଆବଶ୍ୟକ ।
- ସୋୟାବଡିକୁ ସ୍ୱାଦିଷ୍ଟ କରିବା ପାଇଁ ଏହାକୁ ଭଲ ଭାବରେ ରାନ୍ଧନ୍ତୁ ।

- ଆଳୁର ଚୋପା ଛଡାନ୍ତୁ ନାହିଁ କେବଳ ଏହାକୁ ଭଲ ଭାବରେ ଧୋଇ ପରିଷ୍କାର କରନ୍ତୁ ।

**ଭାତ ସହିତ ଅଣ୍ଡା ଓ ପରିବା ତରକାରୀ**

- ପରିଷ୍କାର କରି ଚାଉଳ ଧୋଇ ଦିଅନ୍ତୁ ।
- ଚାଉଳକୁ ଆବଶ୍ୟକୀୟ ପରିମାଣରେ ପରିଷ୍କାର ପାଣି ଦେଇ ରାନ୍ଧନ୍ତୁ ଯେପରିକି ପରେ ଛାଣିବାକୁ ନ ପଡେ ।
- ପରିଷ୍କାର ପାଣିରେ ଏହା ନରମ ଏବଂ ଖାଇବା ଯୋଗ୍ୟ ହେବା ପର୍ଯ୍ୟନ୍ତ ରାନ୍ଧନ୍ତୁ ।
- ଅଣ୍ଡାକୁ ପରିଷ୍କାର କରି ଧୋଇ ସଫା ପାଣିରେ ସିଝାନ୍ତୁ
- ଆଳୁ ଓ ଅନ୍ୟାନ୍ୟ ଋତୁକାଳୀନ ପରିବା (କଖାରୁ, ଟମାଟୋ ଇତ୍ୟାଦି) ଭଲ ଭାବରେ ଧୋଇ ସଫା କରନ୍ତୁ ।
- ତେଲ ଗରମ କରନ୍ତୁ, ଫୁଟଣ ଫୁଟାନ୍ତୁ, ପନିପରିବା (ଆଳୁ, ଟମାଟୋ, ପିଆଜ, ରସୁଣ ଅଦା ଇତ୍ୟାଦି ଭଲ ଭାବରେ ମିଶାନ୍ତୁ ।)
- ପାଣିରେ ମିଶାଇ ତରକାରୀ ପରି ବହଳିଆ ହେବା ପର୍ଯ୍ୟନ୍ତ ରାନ୍ଧନ୍ତୁ ।
- ସିଝା ଅଣ୍ଡା ଏଥି ସହିତ ମିଶାଇ ୫ ମିନିଟ୍ ପର୍ଯ୍ୟନ୍ତ ରାନ୍ଧନ୍ତୁ ।
- ଶେଷରେ ଆୟୋଡିନଯୁକ୍ତ ଲୁଣ ମିଶାନ୍ତୁ ।
- ସପ୍ତାହକୁ ଥରେ ଭାତ ସହିତ ଅତି କମ୍‌ରେ ଗୋଟିଏ ଅଣ୍ଡା ଅନ୍ୟ ପରିବା ତରକାରୀ ସହିତ ପରିବେଷଣ କରନ୍ତୁ ।
- ନିଜ ଅଞ୍ଚଳରେ ମିଳୁଥିବା ପରିବାଗୁଡ଼ିକୁ ମିଶାନ୍ତୁ ।
- ଯେଉଁ ଶିଶୁମାନେ ସାକାହାରୀ ବା କୌଣସି କାରଣରୁ ଅଣ୍ଡା ଖାଉନଥିବେ ସେମାନଙ୍କୁ ପୁଷ୍ଟି ଓ ଶକ୍ତିର ପୂରଣ ପାଇଁ ଡାଲି ନିଶ୍ଚୟ ଦିଅନ୍ତୁ ।
- ଆଳୁର ଚୋପା ଛଡାନ୍ତୁ ନାହିଁ କେବଳ ପାଣିରେ ଧୋଇ ସଫା କରନ୍ତୁ ।
- ରନ୍ଧନ ଶେଷରେ ଲୁଣ ମିଶାନ୍ତୁ ଯେପରି ଆୟୋଡିନ ନଷ୍ଟ ହୋଇନଯାଏ ।

ଅନୁବନ୍ଧ - ୪

# କେତେକ ସାଧାରଣ ଦ୍ରବ୍ୟର ଖାଦ୍ୟସାର

| କ୍ର.ନଂ | ଖାଦ୍ୟ ସାମଗ୍ରୀ (୧୦୦ ଗ୍ରାମ୍‌ରେ) | ପୁଷ୍ଟି (ଗ୍ରାମ୍‌ରେ) | ଶକ୍ତି (କି.କ୍ୟାଲୋରୀ) | ଚର୍ବି (ଗ୍ରାମ) |
|---|---|---|---|---|
| କ | ଶସ୍ୟ ଜାତୀୟ | | | |
| ୧ | ଚାଉଳ | ୭.୩ | ୩୨୮ | ୧.୩ |
| ୨ | ଚୁଡା | ୬.୬ | ୩୪୬ | ୧.୨ |
| ୩ | ମୁଢି | ୭.୫ | ୩୨୫ | ୦.୧ |
| ୪ | ସୁଜି | ୧୦.୪ | ୩୪୮ | ୦.୮ |
| ୫ | ମାଣ୍ଡିଆ | ୭.୩ | ୩୨୮ | ୧.୩ |
| ୬ | ମଇଦା | ୧୧.୧ | ୩୪୨ | ୩.୬ |
| ଖ | ପରିବା | | | |
| ୧ | ଆଳୁ | ୧.୬ | ୯୭ | ୦.୧ |
| ୨ | ପିଆଜ | ୧.୨ | ୫୦ | ୦.୧ |
| ୩ | ବାଇଗଣ | ୧.୪ | ୨୪ | ୦.୩ |
| ୪ | କଖାରୁ | ୧.୪ | ୨୫ | ୦.୧ |
| ୫ | ବିନ୍ | ୧.୭ | ୨୬ | ୦.୧ |
| ୬ | ସଜନା ଛୁଇଁ | ୨.୫ | ୨୬ | ୦.୧ |
| ୭ | ସଜନା ଶାଗ | ୬.୭ | ୯୨ | ୧.୭ |
| ୮ | ଅମୃତ ଭଣ୍ଡା | ୦.୭ | ୨୭ | ୦.୨ |
| ୯ | ଟମାଟୋ | ୦.୯ | ୨୦ | ୦.୨ |
| ୧୦ | ବନ୍ଧାକୋବି | ୧.୮ | ୨୭ | ୦.୬ |
| ୧୧ | ଲାଉ | ୦.୨ | ୧୨ | ୦.୧ |
| ୧୨ | ପଣସ କଠା | ୨.୬ | ୫୧ | ୦.୩ |
| ଗ | ମଞ୍ଜି ଜାତୀୟ | | | |
| ୧ | ନଡିଆ | ୪.୫ | ୪୪୪ | ୪୧.୬ |
| ୨ | ବାଦାମ | ୨୫.୩ | ୫୬୭ | ୪୦.୧ |
| ଘ | ଅନ୍ୟାନ୍ୟ | | | |
| ୧ | ଅଣ୍ଡା | ୧୩.୩ | ୧୭୩ | ୧୩.୩ |
| ୨ | ସୋୟାବଡ଼ି | ୫୪.୨/୫୫ | ୩୩୬/୩୫୮ | ୦/୫ |

ଅନୁବନ୍ଧ - ୫

# ମଧ୍ୟାହ୍ନ ଭୋଜନର ଖାଦ୍ୟ ସାମଗ୍ରୀ

| ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ |
|---|
| ଚାଉଳ (ଯୋଗାଇ ଦିଆଯିବ) |
| ଡାଲି |
| ସୋୟାବଡି |
| ତେଲ |
| ଅଣ୍ଡା (ସପ୍ତାହକୁ ୧ଟି) |
| ପରିବା |
| ଆୟୋଡିନ୍ ଯୁକ୍ତ ଲୁଣ |
| ମସଲା ମସଲି |
| ଅନ୍ୟାନ୍ୟ |

ଅନୁବନ୍ଧ - ୬

# ଖାଦ୍ୟ ସାମଗ୍ରୀ କିଣିବାପାଇଁ ମାସିକ ଯୋଜନା

| କ୍ର.ସଂ | ସାମଗ୍ରୀ ର ନାମ | ପରିମାଣ | ମୂଲ୍ୟ | ସମୁଦାୟ ମୂଲ୍ୟ |
|---|---|---|---|---|
| ୧ | | | | |
| ୨ | | | | |
| ୩ | | | | |
| ମୋଟ୍ | | | | |

ଅନୁବନ୍ଧ – ୭

## କମିଟି ମାଧ୍ୟମରେ ମଧ୍ୟାହ୍ନ ଭୋଜନ ଖାଦ୍ୟ ନିମନ୍ତେ ଦୋକାନ ମନୋନୟନ ଏବଂ ଦର ଧାର୍ଯ୍ୟ

ସ୍ଥାନୀୟ ବଜାରରୁ ବିଭିନ୍ନ ନିର୍ଦ୍ଦିଷ୍ଟ ଗୁଣଯୁକ୍ତ ଖାଦ୍ୟ ସାମଗ୍ରୀର ଦର ବୁଝିବା ପରେ କେଉଁ ଦୋକାନରୁ କିଣାଯିବ ତାହା କମିଟି ସ୍ଥିର କରିବେ ।

ମାସର ନାମ ---------------------------

| କ୍ର.ସଂ | ସାମଗ୍ରୀ ର ନାମ | ବିବରଣୀ | ଦୋକାନ ବା ସ୍ୱୟଂ ସହାୟକ ଗୋଷ୍ଠୀର ନାମ | କି.ଗ୍ରା ପ୍ରତି ଦର | ସମୁଦାୟ ପରିମାଣ |
|---|---|---|---|---|---|
| ୧ | ଡାଲି | | | | |
| ୨ | ତେଲ | | | | |
| ୩ | ସୋୟାବଡ଼ି | | | | |
| ୪ | | | | | |

ସ୍ୱୟଂ ସହାୟକ ଗୋଷ୍ଠୀ/ ଗ୍ରାମ୍ୟ ଶିକ୍ଷା କମିଟି/ ସ୍କୁଲ ପରିଚାଳନା କମିଟିଙ୍କ ସ୍ୱାକ୍ଷର

ଯାଞ୍ଚ କମିଟି ମେମ୍ବରଙ୍କ ସ୍ୱାକ୍ଷର

ଅନୁବନ୍ଧ – ୮

## କ୍ୟାସ ବହି

| ପ୍ରାପ୍ତ | | | | ଦେୟ ବା ଖର୍ଚ୍ଚ | | | |
|---|---|---|---|---|---|---|---|
| ତାରିଖ | ବିବରଣୀ | ଟଙ୍କା | ବ୍ୟାଙ୍କ | ତାରିଖ | ବିବରଣୀ | ଟଙ୍କା | ବ୍ୟାଙ୍କ |
| | ପୂର୍ବ ଜମା | | | | | | |
| | | | | | | | |
| | | | | | | | |
| | ସମୁଦାୟ ପ୍ରାପ୍ତ | | | | ସମୁଦାୟ ଖର୍ଚ୍ଚ | | |
| | | | | | ବଳକା ଅର୍ଥ | | |
| | ସର୍ବମୋଟ୍ | | | | ସର୍ବମୋଟ୍ | | |

ପ୍ରସ୍ତୁତ କର୍ତ୍ତା ଯାଞ୍ଚ୍ କର୍ତ୍ତା ତାରିଖ

ଅନୁବନ୍ଧ - ୯

## କ୍ରୟ ବିବରଣୀ

| ତାରିଖ | ବିବରଣୀ | ପରିମାଣ | ଦର | ସମୁଦାୟ ମୂଲ୍ୟ | କ୍ୟାସ ବହି ପୃଷ୍ଠା ସଂଖ୍ୟା |
|---|---|---|---|---|---|
| | | | | | |

ପ୍ରସ୍ତୁତ କର୍ତ୍ତା　　　　　　　　ଯାଞ୍ଚ୍ କର୍ତ୍ତା
ପଦବୀ　　　　　　　　　　ତାରିଖ

ଅନୁବନ୍ଧ - ୧୦

## ଷ୍ଟକ୍ ଖାତା

| ତାରିଖ | ପୂର୍ବଜମା ପରିମାଣ | ପ୍ରାପ୍ତ / କିଣା ପରିମାଣ | ଖର୍ଚ୍ଚର ପରିମାଣ | ବଳକା ପରିମାଣ | ଖାଇଥିବା ହିତାଧିକାରୀଙ୍କ ସଂଖ୍ୟା |
|---|---|---|---|---|---|
| | | | | | |

ପ୍ରସ୍ତୁତ କର୍ତ୍ତା　　　　　　　　ଯାଞ୍ଚ୍ କର୍ତ୍ତା
ପ୍ରତ୍ୟେକ ଖାଦ୍ୟ ପାଇଁ ଅଲଗା ଅଲଗା ପୃଷ୍ଠା ବ୍ୟବହାର କରିବେ ।

ଅନୁବନ୍ଧ - ୧୧

## ଖର୍ଚ୍ଚ ବିବରଣୀ

## ମାସିକ / ତ୍ରୈମାସିକ ବିବରଣୀ ... ... ...୨୦୧୧

| କ୍ର.ସଂ | ବିବରଣୀ | ପରିମାଣ | ଦର | ସମୁଦାୟ ମୂଲ୍ୟ | ମୋଟ୍ ସଂଖ୍ୟା | |
|---|---|---|---|---|---|---|
| ୧ | ଡାଲି | | | | ୧ମରୁ ୫ମ | ଖାଇଥିବା |
| ୨ | ଅଣ୍ଡା | | | | ଶ୍ରେଣୀ | ହିତାଧିକାରୀଙ୍କ |
| ୩ | ସୋୟା | | | | ୬ଷ୍ଠରୁ ୮ମ | ମୋଟ୍ ସଂଖ୍ୟା |
| ୪ | ଲୁଣ | | | | ଶ୍ରେଣୀ | |
| ୫ | ପରିବା | | | | | |
| ୬ | ମସଲା ମସଲି | | | | | |

| | | | | | | |
|---|---|---|---|---|---|---|
| ୭ | ତେଲ | | | | | |
| ୮ | | | | | | |
| ୯ | | | | | | |

ପ୍ରସ୍ତୁତ କର୍ତ୍ତା                    ଯାଞ୍ଚ୍ କର୍ତ୍ତା          ଅନୁମୋଦନ କର୍ତ୍ତା

ଅନୁବନ୍ଧ - ୧୨

## ବ୍ୟାଙ୍କ ପ୍ରତିପୂରଣ ବିବରଣୀ

| | |
|---|---|
| ମାସର ଶେଷ ତାରିଖରେ ବ୍ୟାଙ୍କ୍ ପ୍ରତିପୂରଣର ବିବରଣୀ | |
| ମାସର ଶେଷ ତାରିଖରେ ବ୍ୟାଙ୍କ୍ ପାଶ୍ ବହିର ଜମା ଅର୍ଥ | |
| ମିଶାଯିବ : କ୍ୟାସ୍ ବହିରେ ଦର୍ଶାଯାଇ ନଥିବା ବ୍ୟାଙ୍କ ସୁଧ | |
| କଟାଯିବ : ବ୍ୟାଙ୍କରେ କଟାଯାଇଥିବା ଅର୍ଥ ଯାହା କ୍ୟାସ୍ ବହିରେ ଦର୍ଶାଯାଇ ନାହିଁ | |
| ମାସର ଶେଷ ତାରିଖରେ ପାଶ୍ ବହିରେ ଅର୍ଥର ପରିମାଣ | |

ଅନୁବନ୍ଧ - ୧୩

## (ଏସ.ଏଚ୍.ଜିଙ୍କ ଦେୟ ଖାତା)

| ତାରିଖ | ରୋଷେୟା ଭତ୍ତା | ସାହାଯ୍ୟକାରୀ ଭତ୍ତା | ତଦାରଖର ପ୍ରାପ୍ୟ | ମୋଟ୍ |
|---|---|---|---|---|
| | | | | |

ଅନୁବନ୍ଧ - ୧୪

## ଯାଞ୍ଚ୍ କମିଟି ଏବଂ ମାତୃ କମିଟିଙ୍କ ତଦାରଖ ନିମନ୍ତେ ଯାଞ୍ଚ୍ ତାଲିକା

**ବ୍ଲକର ନାମ**                    **ପରିଦର୍ଶନ ତାରିଖ**          **ପରିଦର୍ଶନ ଅବଧି**

**ସ୍କୁଲ ନାମ**                    **ପ୍ରଧାନ ଶିକ୍ଷକଙ୍କର ନାମ :**

| ବିବରଣୀ | ନିରୀକ୍ଷଣ / ସ୍ଥିତି |
|---|---|
| ପଞ୍ଜିକରଣ ହୋଇଥିବା ଛାତ୍ରଛାତ୍ରୀ ସଂଖ୍ୟା | |
| ଛାତ୍ରଛାତ୍ରୀଙ୍କ ଉପସ୍ଥାନ ସଂଖ୍ୟା | |
| ସାପ୍ତାହିକ ଖାଦ୍ୟ ତାଲିକା ସ୍କୁଲରେ ପ୍ରଦର୍ଶିତ ହୋଇଛି କି ? | |
| ତାଲିକା ଅନୁଯାୟୀ ଖାଦ୍ୟ ରନ୍ଧନରେ ବ୍ୟତିକ୍ରମ ଅଛି କି ? | |

| | |
|---|---|
| ନିମ୍ନ ଲିଖିତ ଖାଦ୍ୟ ସାମଗ୍ରୀ ରନ୍ଧନରେ ବ୍ୟବହୃତ ହୋଇଛି କି ? ହଁ/ନା<br>ଆୟୋଡିନ୍ ଯୁକ୍ତ ଲୁଣ<br>ଭି.ଆଇ.ଏସ୍ /ଆଗମାର୍କ ଡାଲି, ତେଲ ଏବଂ ସୋୟାବଡି<br>ତଟକା ପନିପରିବା | |
| ଖାଦ୍ୟର ମାନ ଯାଞ୍ଚ କରିବାକୁ ଅଳ୍ପ ପରିମାଣର ଖାଦ୍ୟ ଚାଖି ସ୍ୱାଦିଷ୍ଟ ହୋଇଛି କି ନାହିଁ ଜାଣିବା | |
| ପ୍ରସ୍ତୁତ ଖାଦ୍ୟରେ ଆବଶ୍ୟ ପରିମାଣର ଶକ୍ତି ଓ ପୁଷ୍ଟିସାର ଅଛି କି ? | |
| ରନ୍ଧନ, ବଣ୍ଟନ ଏବଂ ଭୋଜନ ଇତ୍ୟାଦିରେ ପରିଚ୍ଛନ୍ନତା ରକ୍ଷା କରାଯାଇଛି କି ? (ରୋଷେଇ ସ୍ଥାନ, ରନ୍ଧା ଏବଂ ଖାଇବା ବାସନ ଏବଂ ପିଇବା ପାଣିର ସୁବିଧା) | |
| ଷ୍ଟୋର୍ / ଗୋଦାମ ଘର – ଷ୍ଟକ୍ ବିବରଣୀ ଅନୁଯାୟୀ ଷ୍ଟକ ପରିମାଣ ଠିକ୍ ଅଛି କି ? | |
| ଷ୍ଟୋର ର ନିରାପତ୍ତା ଏବଂ ପରିଷ୍କାର ପରିଚ୍ଛନ୍ନତା, (ଷ୍ଟୋର କରିବା ସରଞ୍ଜାମ, କିଟ-ପତଙ୍ଗ, ମୂଷା, ବର୍ଷାପାଣି ଆଦ୍ରତା ଇତ୍ୟାଦି)ରୁ ରକ୍ଷା ହୋଇପାରୁଛି କି ? | |
| ଖାଦ୍ୟର ରାନ୍ଧିବା ଓ ବାଣ୍ଟିବା ନିମନ୍ତେ ମାପ / ଓଜନ ଯନ୍ତ୍ର ଅଛି କି ? | |
| ଖାଇବା ପୂର୍ବରୁ ଏବଂ ପରେ ହାତ ଧୋଇବା ଦେଖିବେ ? | |
| ଛାତ୍ରଛାତ୍ରୀମାନେ ଖାଉଥିବା ବାସନ ନିଜର ବା ଯୋଗାଣ ହୋଇଛି ? | |
| ଛାତ୍ରଛାତ୍ରୀମାନଙ୍କର ନିୟମିତ ବୃଦ୍ଧି ନିୟନ୍ତ୍ରଣ ହେଉଛି କି ? (ଓଜନ ପରେ ପରାମର୍ଶ ହେଉଛି କି ?) | |
| ପରାମର୍ଶ ଏବଂ ପରବର୍ତ୍ତୀ ପଦକ୍ଷେପ | |
| ନକଲି ହିତାଧିକାରୀ ଅଛନ୍ତି କି | |
| ଗୃହ ପରିଦର୍ଶନକରି ଜାଣିବେ ( ୨ କିମ୍ବା ୩ ଟି ପରିବାର ପରିଦର୍ଶନ କରିବେ ) | |
| ୨ କିମ୍ବା ୩ଟି ହିତାଧିକାରୀଙ୍କ ସହ କଥୋପ କଥନ ମାଧ୍ୟମରେ ତଥ୍ୟ ସଂଗ୍ରହ କରିବେ | |

ପରିଦର୍ଶକଙ୍କ ନାମ　　　　　　　　　　ବିବରଣୀ ଦାଖଲ ତାରିଖ

ଅନୁବନ୍ଧ - ୧୫

# ଗରମ ରନ୍ଧା ଖାଦ୍ୟର ପ୍ରାପ୍ୟ ପରିପୂରଣ ଫର୍ମାଟ୍

ସ୍କୁଲର ନାମ :　　　　　　　　　ତାଲିକାଭୁକ୍ତ ଛାତ୍ରଛାତ୍ରୀ ସଂଖ୍ୟା :

ବ୍ଲକ ନାମ :　　　　　　　　　　ଉପସ୍ଥାନ ସଂଖ୍ୟା :

ଭୋଜନ ଦିବସ :

| ଖାଦ୍ୟ ସାମଗ୍ରୀ | ମାସ ମଧ୍ୟରେ ଯୋଗାଯାଇଥିବା ସମୁଦାୟ ପରିମାଣ | ସମୁଦାୟ ମୂଲ୍ୟ |
|---|---|---|
| ଡାଲି (କେଉଁ ପ୍ରକାରର) | | |
| ସୋୟାବଡି | | |
| ଅଣ୍ଡା | | |
| ତେଲ | | |
| ମସଲା | | |
| ଜାଳେଣୀ ଏବଂ ଅନ୍ୟାନ୍ୟ | | |
| **ସମୁଦାୟ ମୂଲ୍ୟ** | | |

ଦାଖଲକାରୀଙ୍କ ନାମ

ଗ୍ରାମ୍ୟ ଶିକ୍ଷା କମିଟି ଙ୍କ ନାମ

ଦସ୍ତଖତ

ଦାଖଲ ତାରିଖ :

**ପ୍ରତ୍ୟେକ ଜିଲ୍ଲାରେ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ତଥ୍ୟ, ସୂଚନା ଓ ଅଭିଯୋଗ ନିମନ୍ତେ ଏକ କଣ୍ଟ୍ରୋଲ୍ ରୁମ୍ ଖୋଲାଯାଇଛି । ଏଥିନିମନ୍ତେ ମଧ୍ୟ, ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନରେ ଥିବା ଟୋଲ୍ ଫ୍ରି ନମ୍ବର ୧୮ ୦୦୩୪୫୬୭୩୩ ସହିତ (ଦିବା ୧୦.୦୦ ଘ. ରୁ ୫.୦୦ ଘ.ପର୍ଯ୍ୟନ୍ତ) ସରକାରୀ କାର୍ଯ୍ୟ ଦିବସ ମାନଙ୍କରେ ଯୋଗାଯୋଗ କରି ପାରିବେ ।**

ANNEXURE-XVI

# ଏବେ ସାରା ରାଜ୍ୟରେ ମଧ୍ୟାହ୍ନ ଭୋଜନରେ ଗୋଟିଏ ପ୍ରକାରର ଖାଦ୍ୟ

## ସ୍କୁଲ ମାନଙ୍କରେ ପ୍ରଥମ ରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ

ଦୈନିକ ଟ.୩.୩୦ ପ. ରେ ପ୍ରସ୍ତୁତ ମଧ୍ୟାହ୍ନ ଭୋଜନ

| | | | | |
|---|---|---|---|---|
| ସୋମ ବାର ଓ ଗୁରୁବାର | ୧୦୦ ଗ୍ରାମ ଚାଉଳରେ ପ୍ରସ୍ତୁତଭାତ |  | ୨୫ ଗ୍ରାମ ଡାଲି, ୨ ଗ୍ରାମ୍ ତେଲ ଓ ୨୫ ଗ୍ରାମ ପନିପରିବାରେ ପ୍ରସ୍ତୁତ ଡାଲମା |  |
| ମଙ୍ଗଳ ବାର ଓ ଶୁକ୍ରବାର | ୧୦୦ ଗ୍ରାମ ଚାଉଳରେ ପ୍ରସ୍ତୁତଭାତ |  | ୧୦ ଗ୍ରାମ ସୋୟା ବଡ଼ି, ୩ ଗ୍ରାମ୍ ତେଲ ଓ ୧୦୦ ଗ୍ରାମ ପନିପରିବାରେ ପ୍ରସ୍ତୁତ ସୋୟା ବଡ଼ି ତରକାରୀ |  |
| ବୁଧ ବାର ଓ ଶନି ବାର | ୧୦୦ ଗ୍ରାମ ଚାଉଳରେ ପ୍ରସ୍ତୁତଭାତ |  | ୧ଟି ଅଣ୍ଡା, ୩ ଗ୍ରାମ୍ ତେଲ ଓ ୨୦ ଗ୍ରାମ ପନିପରିବାରେ ପ୍ରସ୍ତୁତ ଅଣ୍ଡା ତରକାରୀ |  |

ସପ୍ତାହକୁ ୨ଟି ଅଣ୍ଡା ମଧ୍ୟାହ୍ନ ଭୋଜନରେ ଦିଆଯାଉଛି ।

**ସାରା ରାଜ୍ୟରେ ପ୍ରତି ସ୍କୁଲରେ ମଧ୍ୟାହ୍ନ ଭୋଜନ ରେ ଉପରୋକ୍ତ ଖାଦ୍ୟ ପ୍ରସ୍ତୁତ ହୋଇ ପ୍ରଥମ ରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ଦିଆଯାଉଛି ।**

ଜିଲ୍ଲା କଂଟ୍ରୋଲ ରୁମ୍ ନଂ :

ANNEXURE-XVI

# ଏବେ ସାରା ରାଜ୍ୟରେ ମଧ୍ୟାହ୍ନ ଭୋଜନରେ ଗୋଟିଏ ପ୍ରକାରର ଖାଦ୍ୟ

## ସ୍କୁଲ ମାନଙ୍କରେ ଷଷ୍ଠ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ

ଦୈନିକ ଟ.୪.୯୨ ପ. ରେ ପ୍ରସ୍ତୁତ ମଧ୍ୟାହ୍ନ ଭୋଜନ

| | | | | |
|---|---|---|---|---|
| ସୋମ ବାର ଓ ଗୁରୁବାର | ୧୫୦ ଗ୍ରାମ ଚାଉଳରେ ପ୍ରସ୍ତୁତ ଭାତ |  | ୩୦ ଗ୍ରାମ ଡାଲି, ୫ ଗ୍ରାମ୍ ତେଲ ଓ ୧୦୦ ଗ୍ରାମ ପନିପରିବାରେ ପ୍ରସ୍ତୁତ ଡାଲମା |  |
| ମଙ୍ଗଳ ବାର ଓ ଶୁକ୍ରବାର | ୧୫୦ ଗ୍ରାମ ଚାଉଳରେ ପ୍ରସ୍ତୁତ ଭାତ |  | ୨୦ ଗ୍ରାମ ସୋୟା ବଡ଼ି, ୫ ଗ୍ରାମ୍ ତେଲ ଓ ୧୦୦ ଗ୍ରାମ ପନିପରିବାରେ ପ୍ରସ୍ତୁତ ସୋୟା ବଡ଼ି ତରକାରୀ |  |
| ବୁଧ ବାର ଓ ଶନି ବାର | ୧୫୦ ଗ୍ରାମ ଚାଉଳରେ ପ୍ରସ୍ତୁତ ଭାତ |  | ୧ଟି ଅଣ୍ଡା, ୫ ଗ୍ରାମ୍ ତେଲ ଓ ୧୦୦ ଗ୍ରାମ ପନିପରିବାରେ ପ୍ରସ୍ତୁତ ଅଣ୍ଡା ତରକାରୀ |  |

ସପ୍ତାହକୁ ୨ଟି ଅଣ୍ଡା ମଧ୍ୟାହ୍ନ ଭୋଜନରେ ଦିଆଯାଉଛି ।

**ସାରା ରାଜ୍ୟରେ ପ୍ରତି ସ୍କୁଲରେ ମଧ୍ୟାହ୍ନ ଭୋଜନ ରେ ଉପରୋକ୍ତ ଖାଦ୍ୟ ପ୍ରସ୍ତୁତ ହୋଇ ଷଷ୍ଠ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ଦିଆଯାଉଛି ।**

ଜିଲ୍ଲା କଂଟ୍ରୋଲ ରୁମ୍ ନଂ :